

ଉତ୍ପାଦିକା କମ୍ପାନୀ ଅଧିନିୟମ

ନିୟମାବଳୀ ହସ୍ତପୁସ୍ତିକା

ପ୍ରସ୍ତୁତକର୍ତ୍ତା
ପ୍ରଦାନ

ସହଯୋଗୀ ବିଭାଗ
ମିଶନ ଶକ୍ତି

ପୁସ୍ତିକା ସମ୍ବନ୍ଧରେ

ଏହି ପୁସ୍ତିକା ଉତ୍ପାଦିକା କମ୍ପାନୀ ରେ କାମ କରୁଥିବା ବିଭିନ୍ନ କର୍ମକର୍ତ୍ତା, ଉତ୍ପାଦିକା କମ୍ପାନୀର ଷ୍ଟାଫ ଏବଂ ନିର୍ଦ୍ଦେଶିକା ମଣ୍ଡଳୀଙ୍କ ପାଇଁ ଏକ ଓଡ଼ିଆ ରେ ପ୍ରସ୍ତୁତ ହସ୍ତପୁସ୍ତିକା ଅଟେ । ଏହା ଉତ୍ପାଦକ କମ୍ପାନୀ ନିୟମ ର ସମ୍ପୂର୍ଣ ଅନୁବାଦ ନୁହେଁ ବରଂ ଏହି ପୁସ୍ତିକା ରେ ଉତ୍ପାଦକ କମ୍ପାନୀ ନିୟମରେ ଥିବା ବିଷୟକୁ ଓଡ଼ିଆରେ ସରଳ ଭାଷାରେ ବୁଝାଇବା ପାଇଁ ଚେଷ୍ଟା କରାଯାଇଅଛି । ଏହି ପୁସ୍ତିକା ଉତ୍ପାଦକ କମ୍ପାନୀ ଅଧିନିୟମ ୨୦୧୩ କୁ ଅନୁସରଣ କରି ପ୍ରସ୍ତୁତ କରାଯାଇଅଛି ତେଣୁ ପଠନକର୍ତ୍ତା ସମୟ୍ ସମୟ୍ ରେ ଉକ୍ତ ଅଧିନିୟମରେ ହେଉଥିବା ପରିବର୍ତ୍ତନକୁ କର୍ପୋରେଟ କାର୍ଯ୍ୟ ମନ୍ତ୍ରାଳୟ୍ (MCA) ୱେବ୍ସାଇଟ କୁ ଯାଇ ନିରୀକ୍ଷଣ କରିବା ଜରୁରୀ ଅଟେ । ଏହା ଆଶା କରାଯାଉଅଛି ଯେ ଏହି ପୁସ୍ତିକା ଉତ୍ପାଦକ କମ୍ପାନୀ ନିୟମ ସମ୍ବନ୍ଧ ରେ ବିସ୍ତୃତ ଜ୍ଞାନବର୍ଦ୍ଧନରେ ସହାୟକ ହେବ ଏବଂ ଉତ୍ପାଦକ କମ୍ପାନୀ ପରିଚାଳନା ରେ ସାହାଯ୍ୟ କରିବ।

କର୍ପୋରେଟ କାର୍ଯ୍ୟ ମନ୍ତ୍ରାଳୟ୍ (MCA)ର ୱେବ୍ସାଇଟକୁ ଭିଜିଟ କରିବା ପାଇଁ ତଳେ ଦିଆ ଯାଇଥିବା ଆଇକନ କୁ କ୍ଲିକ କରନ୍ତୁ

Website Address :

https://www.mca.gov.in/content/mca/global/en/acts-rules/ebooks/acts.html?act=NTk2MQ==

ସୂଚୀପତ୍ର

ପ୍ରଥମ ଭାଗ ୦୨

ଦ୍ୱିତୀୟ୍ ଭାଗ ୦୫

ତୃତୀୟ୍ ଭାଗ ୧୫

ଚତୁର୍ଥ ଭାଗ ୨୪

ପଞ୍ଚମ ଭାଗ ୨୭

ଷଷ୍ଠ ଭାଗ ୩୦

ସପ୍ତମ ଭାଗ ୩୩

ଅଷ୍ଟମ ଭାଗ ୩୫

ନବମ ଭାଗ ୩୬

ଦଶମ ଭାଗ ୩୮

ପ୍ରଥମ ଭାଗ

ପ୍ରାଥମିକ ବିଷୟ୍

୩୭୮ (A):

ଆସନ୍ତୁ, ଏହି ହସ୍ତପୁସ୍ତିକା ରେ ବର୍ଣିତ ବିଭିନ୍ନ ସଂଜ୍ଞା ଗୁଡିକ ବୁଝିବାକୁ ଚେଷ୍ଟା କରିବା:

୧. ସକ୍ରିୟ୍ ସଦସ୍ୟା: ଉତ୍ପାଦିକା କମ୍ପାନୀର ଜଣେ ସଦସ୍ୟା ଯିଏ କି ଉତ୍ପାଦିକା କମ୍ପାନୀର ଆର୍ଟିକଲ୍ ଅଫ ଆସୋସିଏସନରେ ବର୍ଣିତ ନିୟ୍ମାବଳୀ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ପରିମାଣ ଏବଂ ଅବଧି ପାଇଁ ସେବା ପ୍ରାପ୍ତ କରିବାର ଅଧିକାର ପାଇଥାନ୍ତି।

୨. ମୁଖ୍ୟ କାର୍ଯ୍ୟନିର୍ବାହୀ: ମୁଖ୍ୟ କାର୍ଯ୍ୟନିର୍ବାହୀ ର ଅର୍ଥ ଏହି ହସ୍ତପୁସ୍ତିକା ରେ ବର୍ଣିତ ୩୭୮W ର ଉପ-ବିଭାଗ (1) ନିୟ୍ମାବଳୀ ଅନୁଯାୟୀ ନିଯୁକ୍ତ ଜଣେ ବ୍ୟକ୍ତି |

୩. ଆନ୍ତ ରାଜ୍ୟ ସମବାୟ୍ ସମିତି: ଆନ୍ତ ରାଜ୍ୟ ସମବାୟ୍ ସମିତି ଅର୍ଥାତ୍ ମଲ୍ଟି-ଷ୍ଟେଟ୍ ସମବାୟ୍ ସମିତି ଅଧିନିୟ୍ମ, 2002 ର ଧାରା 3 (p) ରେ ବ୍ୟାଖ୍ୟା କରାଯାଇଥିବା ଏକ ବହୁ-ରାଜ୍ୟ ସମବାୟ୍ ସମିତି | ଏହା ଏପରି ଏକ ସମବାୟ୍ ସମିତି ଯାହା ଗଠନ ହେବା ପରେ ନିଜ ଉଦ୍ଦେଶ୍ୟକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ରୂପରେ ସଦସ୍ୟତା କିମ୍ବା କାର୍ଯ୍ୟକଳାପ ମାଧ୍ୟମରେ ଏକରୁ ଅଧିକ ରାଜ୍ୟକୁ ସମ୍ପ୍ରସାରଣ କରିଥିବ |

୪. ସୀମିତ ରିଟର୍ନ: ସୀମିତ ରିଟର୍ନ ଅର୍ଥ ଆର୍ଟିକିଲ୍ ଦ୍ୱାରା ନିର୍ଦ୍ଦିଷ୍ଟ ସର୍ବାଧିକ ଡିଭିଡେଣ୍ଡ୍ (ଅଂଶଧନ ଅନୁଯାୟୀ ମିଳୁଥିବା ଲାଭାଂଶ)

୫. ସଦସ୍ୟା: ଏକ ବ୍ୟକ୍ତି କିମ୍ବା ଉତ୍ପାଦିକା ସଂଗଠନ (ପଂଜିକୃତ ହେଇଥାଉ କିମ୍ବା ନହେଇଥାଉ) ଯିଏ ଉତ୍ପାଦିକା କମ୍ପାନୀର ସଦସ୍ୟତା ନେଇଥିବେ ଏବଂ ଉତ୍ପାଦିକା କମ୍ପାନୀର ଯୋଗ୍ୟତା ନିୟ୍ମାବଳୀ ହିସାବରେ ପରିଚାଳିତ ହେଉଥିବେ।

୬. ପାରସ୍ପରିକ ସହାୟତା ନୀତି: ପାରସ୍ପରିକ ସହାୟତା ନୀତି ଅର୍ଥ ଧାରା ୩୭G ର ଉପ-ବିଭାଗ (2) ରେ ବର୍ଣିତ ହୋଇଥିବା ନୀତିଗୁଡିକ ଅଟେ।

୭. ଅଧିକାରୀ: ଅଧିକାରୀ ର ଅର୍ଥ କୌଣସି ନିର୍ଦ୍ଦେଶିକା କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ କିମ୍ବା ସଚିବ କିମ୍ବା ଅନ୍ୟ କୌଣସି ବ୍ୟକ୍ତି, ଯାହାର ନିର୍ଦ୍ଦେଶନାମା ଅନୁଯାୟୀ ଉତ୍ପାଦିକା କମ୍ପାନୀର ସମସ୍ତ ବ୍ୟବସାୟ ଚାଲିଥାଏ।

୮. ପୃଷ୍ଠପୋଷକତା(Patronage): ପୃଷ୍ଠପୋଷକତା ର ଅର୍ଥ ଉତ୍ପାଦିକା କମ୍ପାନୀ ଦ୍ୱାରା ଏହାର ସଦସ୍ୟାମାନଙ୍କୁ ଏହାର ବ୍ୟବସାୟିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରି ସେବାଗୁଡିକର ବ୍ୟବହାର କରିବା ପାଇଁ ଅଧିକାର ପ୍ରଦାନ।

୯. ପୃଷ୍ଠପୋଷକତା ବୋନସ୍ (Patronage bonus): ପୃଷ୍ଠପୋଷକତା ବୋନସ୍ ର ଅର୍ଥ ହେଉଛି ଏକ ଉତ୍ପାଦିକା କମ୍ପାନୀ ଦ୍ୱାରା ଏହାର ବଳକା ଆୟରୁ ସଦସ୍ୟାମାନଙ୍କୁ ସେମାନଙ୍କ ପୃଷ୍ଠପୋଷକତା ଅନୁପାତରେ ପ୍ରଦାନ କରାଯାଇଥିବା ଦେୟ।

୧୦. ପ୍ରାଥମିକ ଉତ୍ପାଦ: ପ୍ରାଥମିକ ଉତ୍ପାଦର ଅର୍ଥ-

a. କୃଷି ଏବଂ କୃଷି ସମ୍ବନ୍ଧୀୟ ଉତ୍ପାଦ କାର୍ଯ୍ୟକଳାପ କିମ୍ବା ସେବା ଯେପରି ପନିପରିବା ଓ ଶସ୍ୟ ଜାତୀୟ ଚାଷ, ପଶୁପାଳନ, ମାଛ ଚାଷ, ଫୁଲ ଚାଷ, ଜଙ୍ଗଲ ଜାତୀୟ ଉତ୍ପାଦ ଓ କାର୍ଯ୍ୟକଳାପ, ମହୁମାଛି ପାଳନ, ବନୀକରଣ, ଅନ୍ୟ କୌଣସି ପ୍ରାଥମିକ କାର୍ଯ୍ୟକଳାପ କିମ୍ବା ସେବା ଯାହା ଚାଷୀ କିମ୍ବା ଗ୍ରାହକଙ୍କ ହିତସାଧନ ପାଇଁ ଉଦ୍ଦିଷ୍ଟ ହୋଇଥିବ।

b. ହସ୍ତତନ୍ତ କୁଟୀର ଶିଳ୍ପ ସମ୍ବନ୍ଧୀୟ ଉତ୍ପାଦ

c. ଉପରୋକ୍ତ କାର୍ଯ୍ୟକଳାପଗୁଡିକ ର ବିଭିନ୍ନ ଉପ-ଉତ୍ପାଦ କିମ୍ବା ଉପରୋକ୍ତ କାର୍ଯ୍ୟକଳାପର ଅତିରିକ୍ତ କାର୍ଯ୍ୟକଳାପରୁ ଉପୁନ୍ନ ବିଭିନ୍ନ ଉତ୍ପାଦ ଯାହା ଉପରୋକ୍ତ କାର୍ଯ୍ୟକଳାପକୁ ସାହାଯ୍ୟ କିମ୍ବା ପ୍ରୋତ୍ସାହନ ଦେଇପାରେ କିମ୍ବା ବିଭିନ୍ନ କାର୍ଯ୍ୟକଳାପ ଯାହା ଉପରୋକ୍ତ ଦର୍ଶାଯାଇଥିବା କାର୍ଯ୍ୟକଳାପର କିମ୍ବା ଏହାର ଗୁଣରେ ଉନ୍ନତି ଆଣିବା ପାଇଁ ଉଦ୍ଦିଷ୍ଟ

୧୧. ଉତ୍ପାଦିକା : ଉତ୍ପାଦିକା ର ଅର୍ଥ ହେଉଛି ଯେକୌଣସି ପ୍ରାଥମିକ ଉତ୍ପାଦ କିମ୍ବା ତାହା ସହିତ ସଂଯୁକ୍ତ କିମ୍ବା ସମ୍ପର୍କିତ କାର୍ଯ୍ୟକଳାପରେ ନିୟୋଜିତ ବ୍ୟକ୍ତି।

୧୨. ଉତ୍ପାଦିକା କମ୍ପାନୀ: ଉତ୍ପାଦିକା କମ୍ପାନୀ ଅର୍ଥ ଏକ ଏପରି ବ୍ୟବସାୟ କରୁଥିବା ସଂସ୍ଥା ଯାହା ଧାରା ୩୭୮B ରେ ବର୍ଣିତ ଉଦ୍ଦେଶ୍ୟ କିମ୍ବା କାର୍ଯ୍ୟକଳାପ ରେ ଜଡିତ ଥିବ ଏବଂ ଉତ୍ପାଦିକା କମ୍ପାନୀ ଅଧିନିୟମ କିମ୍ବା କମ୍ପାନୀ ଅଧିନିୟମ ୧୯୫୬ (୧୯୫୬ ର ଉପଧାରା ୧) ଅନୁଯାୟୀ ଉତ୍ପାଦିକା କମ୍ପାନୀ ଭାବରେ ପଞ୍ଜୀକୃତ ହୋଇଥିବ।

୧୩. ଉତ୍ପାଦିକା ଅନୁଷ୍ଠାନ: ଉତ୍ପାଦିକା ଅନୁଷ୍ଠାନ ଅର୍ଥାତ୍ ଏକ ଉତ୍ପାଦିକା କମ୍ପାନୀ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନ ଯାହାର କେବଳ ଉତ୍ପାଦିକା କିମ୍ବା ଉତ୍ପାଦିକା କମ୍ପାନୀ ଗୁଡିକ ଏହାର ସଦସ୍ୟ। ଭାବରେ ରହିଥାନ୍ତି (ପଂଜିକୃତ ହେଇଥାଉ କିମ୍ବା ନହେଇଥାଉ) କିମ୍ବା ଧାରା ୩୭୮B ରେ ଦର୍ଶାଯାଇଥିବା ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ହେଉଥିବେ । ଏହାଛଡା ଏହି ଅନୁଷ୍ଠାନ ସବୁ ଉତ୍ପାଦିକା କମ୍ପାନୀର ଆର୍ଟିକଲ୍ ଅଫ ଆସୋସିଏସନ ରେ ବର୍ଣିତ ନିୟମାବଳୀ ଅନୁଯାୟୀ ସେବାର ଉପଯୋଗ କରୁଥିବେ।

୧୪. ଅଟକାଯାଇଥିବା ମୂଲ୍ୟ (Withheld money): ଅଟକାଯାଇଥିବା ମୂଲ୍ୟ ଅର୍ଥାତ୍ ଉତ୍ପାଦିକା କମ୍ପାନୀକୁ ଯେକୌଣସି ସଦସ୍ୟାଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଦ୍ରବ୍ୟ ପାଇଁ ବାକି ଥିବା ଦେୟ ମୂଲ୍ୟ ଅଟେ; ଯାହା ଉତ୍ପାଦିକା କମ୍ପାନୀ ଦ୍ୱାରା ସଦସ୍ୟାଙ୍କୁ ପରବର୍ତ୍ତୀ ତାରିଖରେ ଦେୟ ପାଇଁ ଉତ୍ପାଦିକା କମ୍ପାନୀ ଦ୍ୱାରା ଅଟକାଯାଇଥିବ |

ଦ୍ୱିତୀୟ ଭାଗ

ଉତ୍ପାଦିକା କମ୍ପାନୀର ପଞ୍ଜିକରଣ ଏବଂ ସମ୍ବନ୍ଧିତ ବିଷୟ

୩୭୮ (B): ଉତ୍ପାଦିକା କମ୍ପାନୀର ଉଦ୍ଦେଶ୍ୟ

ଉତ୍ପାଦିକା କମ୍ପାନୀର ଉଦ୍ଦେଶ୍ୟ ନିମ୍ନଲିଖିତ କୌଣସି ବିଷୟ ସହ ଜଡିତ ହୋଇଥିବ:

୧. ଉତ୍ପାଦନ, ଅମଳ, କ୍ରୟ, ଗ୍ରେଡିଂ, ପରିଚାଳନା, ବିକ୍ରୟ, ସଦସ୍ୟାମାନଙ୍କର ପ୍ରାଥମିକ ଉତ୍ପାଦ ରପ୍ତାନି କିମ୍ବା ସେମାନଙ୍କ ସୁବିଧା ପାଇଁ ଦ୍ରବ୍ୟ କିମ୍ବା ସେବାର ଆମଦାନୀ | ଉତ୍ପାଦିକା କମ୍ପାନୀ ଏହି କାର୍ଯ୍ୟକଳାପ ନିଜେ କିମ୍ବା ଅନ୍ୟ ଅନୁଷ୍ଠାନ ମାଧ୍ୟମରେ କରିପାରନ୍ତି|

୨. ସଦସ୍ୟାମାନଙ୍କ ଉତ୍ପାଦର ପ୍ରକ୍ରିୟାକରଣ: ସଂରକ୍ଷଣ, ଏବଂ ପ୍ୟାକେଜିଂ|

୩. ଏହାର ସଦସ୍ୟାମାନଙ୍କୁ ଯନ୍ତ୍ରପାତି, ଉପକରଣ କିମ୍ବା ଉପଯୋଗୀ ସାମଗ୍ରୀ ଉତ୍ପାଦନ, ବିକ୍ରୟ କିମ୍ବା ଯୋଗାଣ|

୪. ଏହାର ସଦସ୍ୟ ଏବଂ ଅନ୍ୟମାନଙ୍କୁ ପାରସ୍ପରିକ ସହାୟତା ନୀତି ଉପରେ ଶିକ୍ଷା ପ୍ରଦାନ|

୫. ଏହାର ସଦସ୍ୟାମାନଙ୍କ ସ୍ୱାର୍ଥର ପ୍ରୋତ୍ସାହନ ପାଇଁ ବୈଷୟିକ ସେବା, ପରାମର୍ଶ ସେବା, ତାଲିମ, ଅନୁସନ୍ଧାନ ଏବଂ ବିକାଶ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ମାଧ୍ୟମରେ ସେବା ପ୍ରଦାନ କରିବା|

୬. ଶକ୍ତି ଉତ୍ପାଦନ, ସଂଚାର ଏବଂ ବଣ୍ଟନ, ଜମି ଏବଂ ଜଳ ଉତ୍ସଗୁଡ଼ିକର ପୁନର୍ଜୀବିକରଣ, ସେମାନଙ୍କର ବ୍ୟବହାର, ସଂରକ୍ଷଣ ଏବଂ ପ୍ରାଥମିକ ଉତ୍ପାଦ ସମ୍ବନ୍ଧିତ ଯୋଗାଯୋଗ|

୭. ଉତ୍ପାଦିକା ଙ୍କ କିମ୍ବା ସେମାନଙ୍କର ପ୍ରାଥମିକ ଉତ୍ପାଦ ର ବୀମା |

୮. ପାରସ୍ପରିକତା ଏବଂ ପାରସ୍ପରିକ ସାହାଯ୍ୟର କୌଶଳକୁ ପ୍ରୋତ୍ସାହିତ କରିବା |

୯. ସଦସ୍ୟାମାନଙ୍କ ସୁବିଧା ପାଇଁ ବୋର୍ଡ ଦ୍ୱାରା ସ୍ଥିର କରାଯାଇଥିବା କଲ୍ୟାଣମୂଳକ ପଦକ୍ଷେପ କିମ୍ବା ସୁବିଧା |

୧୦. ଉପରୋକ୍ତ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପରେ ଦର୍ଶାଯାଇଥିବା ଯେକୌଣସି କାର୍ଯ୍ୟକଳାପ ପାଇଁ ଆନୁସଙ୍ଗିକ କାର୍ଯ୍ୟକଳାପ ଯାହାକି ଅନ୍ୟ କୌଣସି ପ୍ରକାରେ ସଦସ୍ୟାମାନଙ୍କ ମଧ୍ୟରେ ପାରସ୍ପରିକତା ଏବଂ ପାରସ୍ପରିକ ସହାୟତା ନୀତିକୁ ପ୍ରୋତ୍ସାହନ ଦେଇପାରେ |

୧୧. ଉପରୋକ୍ତ ଦର୍ଶାଯାଇଥିବା କାର୍ଯ୍ୟକଳାପରେ କ୍ରୟ, ପ୍ରକ୍ରିୟାକରଣ, ମାର୍କେଟିଂ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପରେ ଅର୍ଥ ସହାୟତା ଯାହାକି ଏହାର ସଦସ୍ୟାମାନଙ୍କୁ ଋଣ ସୁବିଧା କିମ୍ବା ଅନ୍ୟ ଆର୍ଥିକ ସେବାକୁ ବିସ୍ତାର କରିଥାଏ |

ପ୍ରତ୍ୟେକ ଉତ୍ପାଦିକା କମ୍ପାନୀ ଏହି ବିଭାଗରେ ନିର୍ଦ୍ଦିଷ୍ଟ ହୋଇଥିବା ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟତଃ ଏହାର ସକ୍ରିୟ ସଦସ୍ୟାଙ୍କ ସହିତ କାରବାର କରିବ |

୩୭୮ (C): ଉତ୍ପାଦିକା କମ୍ପାନୀର ଗଠନ ଏବଂ ଏହାର ପଞ୍ଜିକରଣ

୧. ଯେକୌଣସି ଦଶ କିମ୍ବା ଅଧିକ ବ୍ୟକ୍ତିବିଶେଷ, ଯିଏ ଉତ୍ପାଦିକା ହୋଇଥିବେ, ଯେକୌଣସି ଦୁଇ କିମ୍ବା ଅଧିକ ଉତ୍ପାଦିକା ଅନୁଷ୍ଠାନ, ଦଶ କିମ୍ବା ଅଧିକ ବ୍ୟକ୍ତି ଏବଂ ଉତ୍ପାଦିକା ଅନୁଷ୍ଠାନର ମିଶ୍ରଣ, ଯଦି ଏକ ଉତ୍ପାଦିକା କମ୍ପାନୀ ଗଠନ କରିବାକୁ ଇଚ୍ଛା କରନ୍ତି, ଯାହାର ଉଦ୍ଦେଶ୍ୟ ୩୭୮B ରେ ବର୍ଣିତ ଉଦ୍ଦେଶ୍ୟ ସହ ସମାନ ହୋଇଥିବ, ତାହାଛଡା ଏହି ନିୟମାବଳୀ ଏବଂ ପଞ୍ଜୀକରଣ ସମ୍ବନ୍ଧରେ ଲିଖିତ ଆଇନର ଆବଶ୍ୟକତା ପୂରଣ କରୁଥିବ ତେବେ ଏହି ଅଧିନିୟମ ଅନୁଯାୟୀ ଏକ ଉତ୍ପାଦିକା କମ୍ପାନୀ ଭାବରେ ଗଠନ ଏବଂ ପଞ୍ଜିକରଣ କରିପାରନ୍ତି |

୨. ଯଦି ରେଜିଷ୍ଟ୍ରାର ସନ୍ତୁଷ୍ଟ ହୁଅନ୍ତି ଯେ ପଞ୍ଜୀକରଣ ଏବଂ ଆଇନର ସମସ୍ତ ନିୟମାବଳୀ ସମ୍ବନ୍ଧୀୟ ଆବଶ୍ୟକତା ପାଳନ କରାଯାଇଛି, ତେବେ ସେ ପଞ୍ଜୀକରଣ ପାଇଁ ଆବଶ୍ୟକ ଦଲିଲ ଗ୍ରହଣ କରିବାର ତିରିଶ ଦିନ ମଧ୍ୟରେ ମେମୋରେଣ୍ଡମ, ଆର୍ଟିକଲ ଅଫ ଆସୋସିଏସନ ଏବଂ ଅନ୍ୟ ନଥିପତ୍ର ଦସ୍ତାବିଜ ପଞ୍ଜିକରଣ କରିବେ ଏବଂ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ କରିବେ |

୩. ନବନିର୍ମିତ ଉତ୍ପାଦିକା କମ୍ପାନୀ ଏହାର ମେମୋରେଣ୍ଡମ ଅନୁଯାୟୀ ଏବଂ ସଦସ୍ୟାଙ୍କ ଦ୍ୱାରା ଅଧିକୃତ ଅଂଶଧନ ଅନୁଯାୟୀ ସଦସ୍ୟାଙ୍କ ଠାରେ ଉତ୍ତରଦାୟୀ ରହିବ ଏବଂ ଏହି କମ୍ପାନୀକୁ ଅଂଶଧନ ଦ୍ୱାରା ସୀମିତ କମ୍ପାନୀ କୁହାଯିବ |

୪. ଉତ୍ପାଦିକା କମ୍ପାନୀ ଏହାର ପ୍ରୋତ୍ସାହକମାନଙ୍କୁ କମ୍ପାନୀର ଗଠନ ଏବଂ ପଞ୍ଜୀକରଣ ସହିତ ଜଡିତ ସମସ୍ତ ପ୍ରତ୍ୟକ୍ଷ ଖର୍ଚ୍ଚ ଯେପରି ପଞ୍ଜୀକରଣ ଖର୍ଚ୍ଚ, ଆଇନଗତ ଶୁଳ୍କ, ମେମୋରେଣ୍ଡମ, ଆର୍ଟିକଲ ଅଫ ଆସୋସିଏସନର ମୁଦ୍ରଣ ଖର୍ଚ୍ଚ ଫେରସ୍ତ କରିପାରନ୍ତି |ଏହାର ଦେୟ ସଦସ୍ୟାମାନଙ୍କର ପ୍ରଥମ ସାଧାରଣ ସଭାରେ ଅନୁମୋଦନ କରାଯିବ।

୫. ଏହି ଅଧିନିୟମ ଅନୁଯାୟୀ ନବନିର୍ମିତ ଉତ୍ପାଦିକା କମ୍ପାନୀ ଏକ ପ୍ରାଇଭେଟ କମ୍ପାନୀ ପରି କାର୍ଯ୍ୟ କରିବ ଏବଂ ଏହା ଉତ୍ପାଦିକା କମ୍ପାନୀ ପାଇଁ ବର୍ଣିତ ନିୟମାବଳୀ ଅନୁଯାୟୀ ପରିଚାଳିତ ହେବ । କୌଣସି କ୍ଷେତ୍ରରେ ଏହି ଉତ୍ପାଦିକା କମ୍ପାନୀକୁ ପବ୍ଲିକ ଲିମିଟେଡ଼ କମ୍ପାନୀ ରୂପେ ପରିବର୍ତ୍ତନ କରାଯାଇପାରିବନାହିଁ।

୩୭୮ (D): ଉତ୍ପାଦିକା କମ୍ପାନୀର ସଦସ୍ୟାମାନଙ୍କର ସଦସ୍ୟତା ଏବଂ ଭୋଟ୍ ଅଧିକାର

୧. ଯେଉଁ କ୍ଷେତ୍ରରେ ସଦସ୍ୟତା କେବଳ ବ୍ୟକ୍ତିଗତ ସଦସ୍ୟାଙ୍କୁ ନେଇ ଗଠିତ ହୁଏ, ଉତ୍ପାଦିକା କମ୍ପାନୀରେ ଭୋଟ୍ ଅଧିକାର ପ୍ରତ୍ୟେକ ସଦସ୍ୟାଙ୍କ ପାଇଁ ଗୋଟିଏ ଭୋଟ୍ ଉପରେ ଆଧାରିତ ହେବ | କୌଣସି ସଦସ୍ୟା ଏକ ରୁ ଅଧିକ ଅଂଶଧନ କିଣିଥିଲେ ମଧ୍ୟ ଗୋଟିଏ ଭୋଟ ହିଁ ଦେଇପାରିବେ |

ଯେଉଁ କ୍ଷେତ୍ରରେ ସଦସ୍ୟତା କେବଳ ଉତ୍ପାଦିକା ଅନୁଷ୍ଠାନକୁ ନେଇ ଗଠିତ ହୁଏ, ଏହିପରି ଉତ୍ପାଦିକା ଅନୁଷ୍ଠାନଗୁଡିକର ଭୋଟ୍ ଅଧିକାର ପୂର୍ବ ବର୍ଷରେ ଉତ୍ପାଦିକା କମ୍ପାନୀର ବ୍ୟବସାୟରେ ଅଂଶଗ୍ରହଣ ଆଧାରରେ ନିର୍ଣ୍ଣୟ କରାଯିବ, ଯେପରି ଆର୍ଟିକିଲ୍ ରେ ବର୍ଣିତ ଥିବ| ଏକ ଉତ୍ପାଦିକା କମ୍ପାନୀର ପଞ୍ଜୀକରଣର ପ୍ରଥମ ବର୍ଷରେ, ଏହିପରି ଉତ୍ପାଦିକା ଅନୁଷ୍ଠାନଗୁଡିକ ଦ୍ୱାରା ଅଂଶୀଦାର ଆଧାରରେ ଭୋଟ୍ ଅଧିକାର ନିର୍ଣ୍ଣୟ କରାଯିବ|

ଯେଉଁ କ୍ଷେତ୍ରରେ ସଦସ୍ୟତା ବ୍ୟକ୍ତି ଏବଂ ଉତ୍ପାଦିକା ଅନୁଷ୍ଠାନକୁ ନେଇ ଗଠିତ ହୁଏ, ପ୍ରତ୍ୟେକ ସଦସ୍ୟାଙ୍କ ପାଇଁ ଏକକ ଭୋଟ୍ ଆଧାରରେ ଭୋଟ୍ ଅଧିକାର ଗଣନା କରାଯିବ |

୨. ଯେକୌଣସି ଉତ୍ପାଦିକା କମ୍ପାନୀର ଆର୍ଟିକିଲଗୁଡିକରେ, କିପରି ଜଣେ ସଦସ୍ୟା ତାଙ୍କ ସଦସ୍ୟତା ବଜାୟ୍ ରଖିପାରିବେ ଏବଂ ସଦସ୍ୟାଙ୍କ ଭୋଟ୍ ଅଧିକାର କିପରି ବ୍ୟବହାର କରାଯିବ ସେ ସମ୍ବନ୍ଧରେ ସର୍ତ୍ତ ବର୍ଣିତ ଥାଏ।

୩. ଯେକୌଣସି ଉତ୍ପାଦିକା କମ୍ପାନୀ, ଯଦି ଏହାର ଆର୍ଟିକିଲ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥାଏ, କୌଣସି ବିଶେଷ କିମ୍ବା ସାଧାରଣ ସଭାରେ ସକ୍ରିୟ୍ ସଦସ୍ୟାଙ୍କ ପାଇଁ ଭୋଟ୍ ଅଧିକାରକୁ ସୀମିତ କରିପାରେ|

୪. କୌଣସି ବ୍ୟକ୍ତି, ଯାହାର କୌଣସି ବ୍ୟବସାୟିକ ଆଗ୍ରହ ଯାହା ଉତ୍ପାଦିକା କମ୍ପାନୀର ବ୍ୟବସାୟ୍ ସହିତ ବିବାଦୀୟ୍ ଥିବ, ସେହି ବ୍ୟକ୍ତି କମ୍ପାନୀର ସଦସ୍ୟା ହୋଇପାରିବ ନାହିଁ|

୫. ଜଣେ ସଦସ୍ୟା, ଯାହାର କୌଣସି ବ୍ୟବସାୟିକ ଆଗ୍ରହ ଉତ୍ପାଦିକା କମ୍ପାନୀର ବ୍ୟବସାୟ୍ ସହିତ ବିବାଦୀୟ୍ ହେବ, ସେହି ସଦସ୍ୟା ର ସଦସ୍ୟତା ରଦ୍ଦ ହେବ ଏବଂ ଆର୍ଟିକିଲ୍ ଅନୁଯାୟୀ ସଦସ୍ୟା ଭାବରେ ଅପସାରଣ କରାଯିବ|

୩୭୮ (E): ସଦସ୍ୟାମାନଙ୍କ ପାଇଁ ଲାଭ

୧. ଆର୍ଟିକିଲରେ ବର୍ଣିତ ନିୟମାବଳୀ ଅନୁଯାୟୀ , ଉତ୍ପାଦକ କମ୍ପାନୀ ର ନିର୍ଦ୍ଦେଶିକା ମଣ୍ଡଳୀ ନିର୍ଣ୍ଣୟ କ୍ରମେ , ଉତ୍ପାଦନ କିମ୍ବା ଉତ୍ପାଦଗୁଡିକ ର ଏକତ୍ରୀକରଣ ଏବଂ ଯୋଗାଣ ପାଇଁ ପ୍ରତ୍ୟେକ ସଦସ୍ୟା ତାଙ୍କ ର ମୂଲ୍ୟ ପାଇପାରିବେ ଏବଂ ଅଟକାଯାଇଥିବା ଟଙ୍କା ସେହି ଆର୍ଥିକ ବର୍ଷ ମଧରେ ଉତ୍ପାଦକ କମ୍ପାନୀ କୁ ଉତ୍ପାଦ ଯୋଗାଣ ଅନୁପାତରେ ସଦସ୍ୟା ଙ୍କୁ ଟଙ୍କା କିମ୍ବା ସାମଗ୍ରୀ କିମ୍ବା ଅଂଶଧନ ଆକାରରେ ପରେ ଦିଆଯାଇପାରେ।

୨. ପ୍ରତ୍ୟେକ ସଦସ୍ୟା, ଅଂଶୀଦାର ପୁଞ୍ଜି ଉପରେ, କେବଳ ଏକ ସୀମିତ ରିଟର୍ଣ୍ଣ ପାଇବେ। ଏହାଛଡା ପ୍ରତ୍ୟେକ ସଦସ୍ୟାଙ୍କୁ ବିଭାଗ ୩୭୮ZJ ରେ ବର୍ଣିତ ବ୍ୟବସ୍ଥା ଅନୁଯାୟୀ ବୋନସ୍ ଅଂଶ ବଣ୍ଟନ କରାଯାଇପାରେ|

୩. ସୀମିତ ରିଟର୍ଣ୍ଣ ର ଦେୟ ପାଇଁ ବ୍ୟବସ୍ଥା କରିବା ପରେ ଯଦି ଅବଶିଷ୍ଟ ଲାଭ ରହିଲେ, ସଂରକ୍ଷଣ ଧାରା ୩୭୮ ZI ଅନୁସାରେ ଉତ୍ପାଦିକା କମ୍ପାନୀର ବ୍ୟବସାୟରେ ଅଂଶଗ୍ରହଣ ଅନୁପାତରେ ସଦସ୍ୟାଙ୍କ ମଧରେ ସାଧାରଣ ସଭାରେ ସଦସ୍ୟାଙ୍କ ଦ୍ୱାରା ନିଷ୍ପତ୍ତି ଅନୁଯାୟୀ ପୃଷ୍ଠପୋଷକତା ବୋନସ୍ ଭାବରେ କ୍ୟାସ କିମ୍ବା ଅଂଶଧନ ହିସାବ ରେ ବଣ୍ଟନ କରାଯାଇପାରେ|

୩୭୮ (F): ଉତ୍ପାଦିକା କମ୍ପାନୀ ର ମେମୋରେଣ୍ଡମ

୧. କମ୍ପାନୀର ନାମ ସହିତ କମ୍ପାନୀ ନାମର ଶେଷ ଶବ୍ଦ ଭାବରେ "ଉତ୍ପାଦିକା କମ୍ପାନୀ ଲିମିଟେଡ୍" ଲେଖାଥିବ|

୨. କେଉଁ ରାଜ୍ୟରେ ଉତ୍ପାଦିକା କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ଅବସ୍ଥିତ|

୩. ଧାରା ୩୭୮B ରେ ବର୍ଣିତ ଉଦ୍ଦେଶ୍ୟ ମଧରୁ କୌଣସି ଏକ କିମ୍ବା ଅଧିକ ଉଦ୍ଦେଶ୍ୟ, କମ୍ପାନୀର ମୁଖ୍ୟ ଉଦ୍ଦେଶ୍ୟ ହେବ|

୪. ଏହି ମେମୋରେଣ୍ଡମ କୁ ଗ୍ରହଣ କରିଥିବା ବ୍ୟକ୍ତି ମାନଙ୍କ ନାମ ଏବଂ ଠିକଣା|

୬. ଉତ୍ପାଦିକା ଥିବା ସଦସ୍ୟାଙ୍କ ନାମ, ଠିକଣା ଏବଂ ବୃତ୍ତି, ଏବଂ ଯିଏ ଧାରା ୩୭୮ ର ଉପ- ଧାରା (2) ଅନୁଯାୟୀ ପ୍ରଥମ ନିର୍ଦ୍ଦେଶିକା ଭାବରେ କାର୍ଯ୍ୟ କରିବେ |

୭. ଏହାର ସଦସ୍ୟାମାନଙ୍କର ଉତ୍ତରଦାୟିତ୍ୱ ସୀମିତ ଅଟେ |

୮. ସଦସ୍ୟାଙ୍କ ନାମ ଅନୁଯାୟୀ, ପ୍ରତ୍ୟେକ ସଦସ୍ୟା ନେଉଥିବା ଅଂଶଧନ ସଂଖ୍ୟା: ସର୍ତ୍ତ ଅଛି ଯେ କୌଣସି ସଦସ୍ୟା ଏକ ରୁ କମ୍ ଅଂଶଧନ ନେବେ ନାହିଁ |

୯. ଉତ୍ପାଦିକା କମ୍ପାନୀ ଯଦି ଅନ୍ୟ ରାଜ୍ୟ ରେ କାମ କରୁଥାଏ ତେବେ ଏହାର ମେମୋରେଣ୍ଡମ ରେ ଥିବା ଉଦ୍ଦେଶ୍ୟ ନିଜ ରାଜ୍ୟ କୁ ଛାଡି ଅନ୍ୟ ରାଜ୍ୟ ପାଇଁ ମଧ୍ୟ ଉଦ୍ଦିଷ୍ଟ ହେବ |

୩୭୮ (G): ଆର୍ଟିକଲ୍ ଅଫ ଆସୋସିଏସନ

ଉତ୍ପାଦିକା କମ୍ପାନୀ ପଞ୍ଜିକରଣ ସମୟରେ ମେମୋରେଣ୍ଡମ ଅଫ ଆସୋସିଏସନ ସହ ଆର୍ଟିକଲ୍ ଅଫ ଆସୋସିଏସନ ର ଆବଶ୍ୟକତା ପଡେ |

ଆର୍ଟିକଲ୍ ଅଫ ଆସୋସିଏସନ ରେ ନିମ୍ନଲିଖିତ ବିଷୟ ବର୍ଣିତ ଥାଏ:

୧. ସଦସ୍ୟତା ସେହି ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ହେବ, ଯେଉଁମାନେ ଉତ୍ପାଦିକା କମ୍ପାନୀର ସୁବିଧା କିମ୍ବା ସେବାରେ ଅଂଶଗ୍ରହଣ କରିବାକୁ କିମ୍ବା ଉପଯୋଗ କରିବାକୁ ଇଚ୍ଛୁକ ଥିବେ , ଏବଂ ସଦସ୍ୟତାର କର୍ତ୍ତବ୍ୟ କରିବାକୁ ଇଚ୍ଛୁକ ଥିବେ |

୨. ପ୍ରତ୍ୟେକ ସଦସ୍ୟା ଯେକୌଣସି ପରିମାଣର ଅଂଶଧନ ଥାଇ ମଧ୍ୟ କେବଳ ଗୋଟିଏ ଭୋଟ ଦେବାର ଅଧିକାର ପାଇବେ |

୩. ଉତ୍ପାଦିକା କମ୍ପାନୀ ଏହି ନିୟମାବଳୀ ଅନୁଯାୟୀ ନିର୍ଦ୍ଦେଶିକା ଭାବରେ ମନୋନୀତ କିମ୍ବା ନିଯୁକ୍ତ ବ୍ୟକ୍ତିଙ୍କୁ ନେଇ ଗଠିତ ବୋର୍ଡ ଦ୍ୱାରା ପରିଚାଳିତ ହେବ ଏବଂ ଏହି ବୋର୍ଡ ସଦସ୍ୟାମାନଙ୍କ ନିକଟରେ ଉତ୍ତରଦାୟୀ ହେବ |

୪. ଅଂଶଧନପୁଞ୍ଜି ଉପରେ ସୀମିତ ରିଟର୍ଣ୍ଣ ଉପରେ ବିବରଣୀ |

୫. ଉତ୍ପାଦିକା କମ୍ପାନୀର ବ୍ୟବସାୟ କାର୍ଯ୍ୟକଳାପରୁ ଉତ୍ପନ୍ନ ଲାଭକୁ ସମାନ ଭାଗରେ ନିମ୍ନଲିଖିତ ଉପାୟରେ ବଣ୍ଟନ କରାଯିବ |

କ. ଉତ୍ପାଦିକା କମ୍ପାନୀର ବ୍ୟବସାୟର ବିକାଶ;
ଖ. ସାଧାରଣ ସୁବିଧା ଯୋଗାଇବା; ଏବଂ
ଗ. ସଦସ୍ୟାମାନଙ୍କ ମଧ୍ୟରେ, ବ୍ୟବସାୟରେ ସେମାନଙ୍କର ନିଜସ୍ୱ ଅଂଶଗ୍ରହଣ ଅନୁପାତରେ ବଣ୍ଟନ ହୋଇପାରେ|

୬. ପାରସ୍ପରିକ ସହଯୋଗର ନୀତି ଏବଂ ପାରସ୍ପରିକ ସାହାଯ୍ୟର କୌଶଳ ଉପରେ ସଦସ୍ୟା, କର୍ମଚାରୀ ଏବଂ ଅନ୍ୟମାନଙ୍କର ଶିକ୍ଷା ପାଇଁ ବ୍ୟବସ୍ଥା;

୭. ଉତ୍ପାଦିକା କମ୍ପାନୀ ସ୍ଥାନୀୟ, ଜାତୀୟ କିମ୍ବା ଆନ୍ତର୍ଜାତୀୟ ସ୍ତରରେ ଅନ୍ୟ ଉତ୍ପାଦିକା କମ୍ପାନୀଗୁଡିକ (ଏବଂ ସମାନ ନୀତି ଅନୁସରଣ କରୁଥିବା ଅନ୍ୟ ସଂଗଠନଗୁଡିକ) ସହିତ ସକ୍ରିୟ ଭାବରେ ସହଯୋଗ କରିବ ଯାହା ଦ୍ୱାରା ସେମାନଙ୍କର ସଦସ୍ୟା ତଥା ସମ୍ପ୍ରଦାୟର ସ୍ୱାର୍ଥକୁ ସର୍ବୋତ୍ତମ ଭାବରେ ଧ୍ୟାନ ଦିଆଯାଇପାରିବ|

ଉପରୋକ୍ତ ସାଧାରଣ ବିନ୍ଦୁ କୁ ଛାଡି ଆର୍ଟିକଲ ଅଫ ଆସୋସିଏସନ ରେ ନିମ୍ନଲିଖିତ ବ୍ୟବସ୍ଥା ସବୁ ବର୍ଣିତ ଥାଏ|

- ସଦସ୍ୟତା ପାଇଁ ଯୋଗ୍ୟତା, ସଦସ୍ୟତା ରଦ୍ଦ କିମ୍ବା ବାତିଲ ପାଇଁ ସର୍ତ୍ତ ଏବଂ ଅଂଶଧନ ସ୍ଥାନାନ୍ତର ପାଇଁ ସର୍ତ୍ତ, ଏବଂ ପଦ୍ଧତି

- ପୃଷ୍ଠପୋଷକତା ଉପରେ ଆଧାର କରି ପୃଷ୍ଠପୋଷକତା ଏବଂ ଭୋଟ୍ ଅଧିକାର ଅନୁସନ୍ଧାନ କରିବାର ପଦ୍ଧତି|

- ଧାରା ୩୭୮N ର ଉପ-ଧାରା (1) ରେ ଥିବା ନିୟମାବଳୀ ଅନୁଯାୟୀ, ନିର୍ଦ୍ଦେଶିକା ମଣ୍ଡଳୀ ଗଠନ ପଦ୍ଧତି, ଏହାର କ୍ଷମତା ଏବଂ କର୍ତ୍ତବ୍ୟ, ସର୍ବନିମ୍ନ ଏବଂ ସର୍ବାଧିକ ନିର୍ଦ୍ଦେଶିକା ସଂଖ୍ୟା, ନିର୍ଦ୍ଦେଶିକା ନିର୍ବାଚନ ପଦ୍ଧତି ଏବଂ ନିର୍ଦ୍ଦେଶିକା ନିଯୁକ୍ତି ଏବଂ ପରିବର୍ତ୍ତନ, ନିର୍ଦ୍ଦେଶିକାଙ୍କ କାର୍ଯ୍ୟକାଳ, ଯୋଗ୍ୟତା ଦ୍ୱାରା ଅବସର ଗ୍ରହଣ, ନିର୍ବାଚିତ ହେବା କିମ୍ବା କାର୍ଯ୍ୟକାଳ ଜାରିରଖିବା ପାଇଁ ସର୍ତ୍ତାବଳୀ, ସେମାନଙ୍କର କ୍ଷମତା ଏବଂ କର୍ତ୍ତବ୍ୟ, ନିର୍ବାଚନର ସର୍ତ୍ତ କିମ୍ବା ନିର୍ଦ୍ଦେଶିକାଙ୍କ ସହ- ବିକଳ୍ପ, ନିର୍ଦ୍ଦେଶକଙ୍କୁ ଅପସାରଣ କରିବାର ପଦ୍ଧତି, ବୋର୍ଡରେ ଖାଲିଥିବା ପଦବୀ ପୂରଣ ଏବଂ ପଦ୍ଧତି ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ନିଯୁକ୍ତିର ସର୍ତ୍ତାବଳୀ|
- ଅଧକ୍ଷାଙ୍କ ନିର୍ବାଚନ, ନିର୍ଦ୍ଦେଶିକାଙ୍କ ଏବଂ ଅଧକ୍ଷାଙ୍କ କାର୍ଯ୍ୟକାଳ, ସଦସ୍ୟାମାନଙ୍କର ସାଧାରଣ ସଭା ବୈଠକ କିମ୍ବା ସ୍ୱତନ୍ତ୍ର ସାଧାରଣ ସଭା ବୈଠକରେ ଭୋଟ୍ ଦେବାର ପଦ୍ଧତି, ନିର୍ଦ୍ଦେଶିକା ମଣ୍ଡଳୀ ବୈଠକରେ ନିର୍ଦ୍ଦେଶିକାଙ୍କ ଭୋଟ୍ ଦେବାର ପ୍ରକ୍ରିୟା, ଅଧକ୍ଷା ଙ୍କ କ୍ଷମତା ଏବଂ କେଉଁ ପରିସ୍ଥିତିରେ ଅଧକ୍ଷା କାଷ୍ଟିଂ ଭୋଟ୍ ବ୍ୟବହାର କରିପାରନ୍ତି ଆଦି|
- କେଉଁ ପରିସ୍ଥିତିରେ ଏବଂ ପଦ୍ଧତିରେ, ଅଟକାଯାଇଥିବା ଅର୍ଥର ମୂଲ୍ୟ ନିର୍ଣ୍ଣୟ ଏବଂ ବଣ୍ଟନ କରାଯିବ|
- ନଗଦ ଅର୍ଥରେ କିମ୍ବା ଅଂଶଧନ, କିମ୍ବା ଉଭୟ ଦ୍ୱାରା ପୃଷ୍ଠପୋଷକତା ବୋନସ ବଣ୍ଟନ କରିବାର ପଦ୍ଧତି|
- ଧାରା ୩୭୮ZI ର ଉପ- ଧାରା (2) ରେ ଉଲ୍ଲେଖିତ ଅବଦାନ କରିବାର ବିଷୟ|
- ଧାରା ୩୭୮ZJ ରେ ବର୍ଣ୍ଣିତ ବୋନସ ଅଂଶଧନ ପ୍ରଦାନ ସମ୍ବନ୍ଧୀୟ ବିଷୟ|
- ସଦସ୍ୟାଙ୍କ ଦ୍ୱାରା ଉତ୍ପାଦିତ ଉତ୍ପାଦ କିମ୍ବା ଉତ୍ପାଦର ବିକ୍ରୟ ମୂଲ୍ୟର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିମାଣ ବଦଳରେ ଉତ୍ପାଦିକା କମ୍ପାନୀର ଅଂଶଧନ ଆବଣ୍ଟନର ଆଧାର ଏବଂ ପଦ୍ଧତି|
- ଲାଭ ସଂରକ୍ଷଣ ପରିମାଣ, ଉତ୍ସ ଯେଉଁଥିରୁ ପାଣ୍ଠି ସଂଗ୍ରହ କରାଯାଇପାରେ, ପାଣ୍ଠି ସଂଗ୍ରହ ଉପରେ ସୀମିତତା, ଏହିପରି ପାଣ୍ଠିର ବ୍ୟବହାର ଉପରେ ପ୍ରତିବନ୍ଧକ ଏବଂ ଚୁକ୍ତି, ଋଣର ପରିମାଣ ଏବଂ ଏହାର ସର୍ତ୍ତ|
- ଋଣ କିମ୍ବା ଅଗ୍ରିମ ରାଶି ଯାହା ଜଣେ ସଦସ୍ୟାଙ୍କୁ ଦିଆଯାଇପାରେ ଏବଂ ସେଥିପାଇଁ ପାଇଁ ସର୍ତ୍ତ|
- କମ୍ପାନୀର ସାଧାରଣ ବ୍ୟବସାୟ ସମ୍ବନ୍ଧୀୟ ସୂଚନା ପାଇବା ପାଇଁ ସଦସ୍ୟାଙ୍କ ଅଧିକାର|

- ଉତ୍ପାଦିକା କମ୍ପାନୀର ବିଲୋପ କିମ୍ବା ବାତିଲ୍ କ୍ଷେତ୍ରରେ ସମସ୍ତ ଉତ୍ତରଦାୟିତ୍ୱ ପୂରଣ କରିବା ପରେ ଉପଲବ୍ଧ ପାଣ୍ଠି ବଣ୍ଟନ ଏବଂ ଖର୍ଚ୍ଚର ଆଧାର ଏବଂ ପଦ୍ଧତି |
- ବିଭାଜନ, ମିଶ୍ରଣ, ସହାୟକ କମ୍ପାନୀ ସୃଷ୍ଟି ଏବଂ ମିଳିତ ଉଦ୍ୟୋଗରେ ପ୍ରବେଶ ଏବଂ ଏହା ସହିତ ଜଡିତ ଅନ୍ୟାନ୍ୟ ବିଷୟ ପାଇଁ ପ୍ରାଧିକରଣ |
- ଉତ୍ପାଦିକା କମ୍ପାନୀ ପଞ୍ଜିକରଣ ର ୯୦ ଦିନ ଭିତରେ ସ୍ୱତନ୍ତ୍ର ସାଧାରଣ ସଭା ସମ୍ମୁଖ ରେ ମେମୋରେଣ୍ଡମ, ଆର୍ଟିକଲ ଅଫ ଆସୋସିଏସନ ର ଉପସ୍ଥାପନା।
- ଅନ୍ୟ କୌଣସି ବ୍ୟବସ୍ଥା, ଯାହା ସଦସ୍ୟାମାନେ, ସ୍ୱତନ୍ତ୍ର ବୈଠକ ବିବରଣୀ ଦ୍ୱାରା ଆର୍ଟିକଲରେ ଅନ୍ତର୍ଭୂକ୍ତ କରିବାକୁ ସୁପାରିଶ କରିବେ |

୩୭୮ (H): ମେମୋରେଣ୍ଡମ ର ସଂଶୋଧନ

୧. ଏହି ଅଧିନିୟମ ର ନିୟମାବଳୀ ଅନୁଯାୟୀ ଉତ୍ପାଦିକା କମ୍ପାନୀ ନିଜେ ମେମୋରେଣ୍ଡମ ର କୌଣସି ବିନ୍ଦୁ ରେ ପରିବର୍ତ୍ତନ କରିବ ନାହିଁ |

୨. ଏକ ଉତ୍ପାଦିକା କମ୍ପାନୀ, ସ୍ୱତନ୍ତ୍ର ବୈଠକ ବିବରଣୀ ଦ୍ୱାରା ଧାରା ୩୭୮B ବର୍ଣିତ ନିୟମାବଳୀ ସହ ବିନା ଅସଙ୍ଗତିରେ, ଏହାର ମେମୋରେଣ୍ଡମରେ ବର୍ଣିତ ଉଦ୍ଦେଶ୍ୟଗୁଡ଼ିକୁ ପରିବର୍ତ୍ତନ କରିପାରିବ |

୩. ଦୁଇ ନିର୍ଦ୍ଦେଶିକାଙ୍କ ଦ୍ୱାରା ଯଥାର୍ଥ ଭାବରେ ପ୍ରମାଣିତ ହୋଇଥିବା ସଂଶୋଧିତ ମେମୋରେଣ୍ଡମର ଏକ ନକଲ, ସ୍ୱତନ୍ତ୍ର ବୈଠକ ବିବରଣୀର ଏକ ନକଲ, ଉପ- ଧାରା (2) ରେ ଦର୍ଶାଯାଇଥିବା କୌଣସି ବୈଠକ ବିବରଣୀ ଗ୍ରହଣ ହେବାର ଦିନଠାରୁ ତିରିଶ ଦିନ ମଧ୍ୟରେ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରାଯିବ |

ଏକ ଉତ୍ପାଦିକା କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟକୁ ଜଣେ ରେଜିଷ୍ଟ୍ରାରଙ୍କ ଅଧିକାରକ୍ଷେତ୍ରରୁ ଅନ୍ୟ ରେଜିଷ୍ଟ୍ରାରଙ୍କ ଅଧିକାର କ୍ଷେତ୍ରକୁ ସ୍ଥାନାନ୍ତର ମାମଲାରେ, ଦୁଇ ନିର୍ଦ୍ଦେଶିକାଙ୍କ ଦ୍ୱାରା ପ୍ରମାଣିତ ହୋଇଥିବା ସ୍ୱତନ୍ତ୍ର ବୈଠକ ବିବରଣୀ ର ସାର୍ଟିଫିକେଟ୍ କପି ତିରିଶ ଦିନ ମଧ୍ୟରେ ଉଭୟ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ ହେବ ଏବଂ ପ୍ରତ୍ୟେକ ରେଜିଷ୍ଟ୍ରାର ଏହାକୁ ରେକର୍ଡ କରିବେ ଏବଂ ତା'ପରେ ରେଜିଷ୍ଟ୍ରାର୍, ଯାହାର ଅଧିକାରକ୍ଷେତ୍ରରୁ କାର୍ଯ୍ୟାଳୟ ସ୍ଥାନାନ୍ତରିତ ହୁଏ, ତୁରନ୍ତ ଅନ୍ୟ ରେଜିଷ୍ଟ୍ରାରଙ୍କୁ ଉତ୍ପାଦିକା କମ୍ପାନୀ ସହିତ ଜଡିତ ସମସ୍ତ ଡକ୍ୟୁମେଣ୍ଟ୍ ପଠାଇବ |

୪. ଯେପର୍ଯ୍ୟନ୍ତ ନିର୍ଦ୍ଧାରିତ ଆବେଦନ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ନହୁଏ, ଉତ୍ପାଦିକା କମ୍ପାନୀ ଏହାର ପଞ୍ଜୀକୃତ କାର୍ଯ୍ୟାଳୟର ସ୍ଥାନ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପରିବର୍ତ୍ତନ ସହ ଜଡିତ ମେମୋରେଣ୍ଡମର ବ୍ୟବସ୍ଥାଗୁଡ଼ିକର ପରିବର୍ତ୍ତନ କରିପାରିବ ନାହିଁ |

୩୭୮ (I): ଆର୍ଟିକଲ୍‌ର ସଂଶୋଧନ

୧. ଆର୍ଟିକଲରେ କୌଣସି ସଂଶୋଧନ କରିବାକୁ ହେଲେ ନିର୍ବାଚିତ ନିର୍ଦ୍ଦେଶିକାଙ୍କ ଅତି କମରେ ଦୁଇ ତୃତୀୟାଂଶ କିମ୍ବା ଉତ୍ପାଦିକା କମ୍ପାନୀର ଏକ ତୃତୀୟାଂଶ ସଦସ୍ୟାମାନଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ବୈଠକ ବିବରଣୀ ମାଧ୍ୟମ ରେ ପ୍ରସ୍ତାବ ଦିଆଯିବ।

୨. ସଂଶୋଧିତ ଆର୍ଟିକିଲର ଏକ ନକଲ ସ୍ୱତନ୍ତ୍ର ବୈଠକ ବିବରଣୀ ନକଲ ସହିତ ଦୁଇ ଜଣ ନିର୍ଦ୍ଦେଶିକାଙ୍କ ଦ୍ୱାରା ସଂଶୋଧନକୁ ଗ୍ରହଣ କରିବାର ପନ୍ଦର ଦିନ ମଧ୍ୟରେ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିବାକୁ ହେବ |

ତୃତୀୟ ଭାଗ

ଉତ୍ପାଦିକା କମ୍ପାନୀର ପ୍ରବନ୍ଧନ ଓ ପରିଚାଳନା

୩୭୮ (୦): ନିର୍ଦ୍ଦେଶିକାଙ୍କ ସଂଖ୍ୟା

ପ୍ରତ୍ୟେକ ଉତ୍ପାଦିକା କମ୍ପାନୀରେ ଅତି କମରେ ପାଞ୍ଚ ଜଣ ଏବଂ ଅତି ବେଶୀରେ ପନ୍ଦର ନିର୍ଦ୍ଦେଶିକା ରହିବେ | ଏକ ଉତ୍ପାଦିକା କମ୍ପାନୀ ଭାବରେ ପଞ୍ଜିକୃତ ହୋଇଥିବା ଏକ ଆନ୍ତଃରାଜ୍ୟ ସମବାୟ ସମିତି କ୍ଷେତ୍ରରେ, ଏହିପରି କମ୍ପାନୀ ଏକ ଉତ୍ପାଦିକା କମ୍ପାନୀ ଭାବରେ ପଞ୍ଜିକୃତ ହେବାର ଦିନଠାରୁ ଏକ ବର୍ଷ ପାଇଁ ପନ୍ଦରରୁ ଅଧିକ ନିର୍ଦ୍ଦେଶିକା ରଖିପାରେ|

୩୭୮ (P): ନିର୍ଦ୍ଦେଶିକାଙ୍କ ନିଯୁକ୍ତି

୧. .ନିର୍ଦ୍ଦେଶିକା ଚୟନ ପଞ୍ଜିକରଣର ନବେ ଦିନ ମଧରେ ହେବ|

୨. କୌଣସି ନିର୍ଦ୍ଦେଶିକା ଗୋଟେ ବର୍ଷରୁ କମ କିମ୍ବା ୫ ବର୍ଷରୁ ଅଧିକ ସମୟ ପାଇଁ ନିର୍ଦ୍ଦେଶିକା ପଦରେ ରହିପାରିବେ ନାହିଁ କମ୍ପାନୀର ଆର୍ଟିକଲ ଅନୁଯାୟୀ ଏହି ସମୟ ସୀମା ନିର୍ଦ୍ଧାରିତ ରହିବ|

୩. ପ୍ରତ୍ୟେକ ନିର୍ଦ୍ଦେଶିକା, ଯିଏ କମ୍ପାନୀର ଆର୍ଟିକଲ ଅନୁଯାୟୀ ଅବସର ଗ୍ରହଣ କରନ୍ତି, ସେ ଜଣେ ନିର୍ଦ୍ଦେଶିକା ଭାବରେ ପୁନର୍ନିଯୁକ୍ତି ପାଇବାକୁ ଯୋଗ୍ୟ ହେବେ|

୪. ଉପ-ଧାରା (୨) ରେ ବର୍ଣିତ ନିୟମ ଅନୁଯାୟୀ ବୋର୍ଡର ନିର୍ଦ୍ଦେଶିକା ମାନେ ବାର୍ଷିକ ସାଧାରଣ ସଭାରେ ସଦସ୍ୟାମାନଙ୍କ ଦ୍ୱାରା ନିର୍ବାଚିତ କିମ୍ବା ନିଯୁକ୍ତ ହେବେ|

୫. ବୋର୍ଡ ଏକ କିମ୍ବା ଅଧିକ ବିଶେଷଜ୍ଞ ନିର୍ଦ୍ଦେଶିକା କିମ୍ବା ଅତିରିକ୍ତ ନିର୍ଦ୍ଦେଶିକା ଯାହାର ସଂଖ୍ୟା ସମୁଦାୟ ସଂଖ୍ୟାର ଏକ ପଞ୍ଚମାଂଶରୁ ଅଧିକ ହୋଇନଥିବ କିମ୍ବା ବୋର୍ଡ ଠିକ ମନେ କରୁଥିବା ସମୟ ପାଇଁ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଅତିରିକ୍ତ ନିର୍ଦ୍ଦେଶିକା ଭାବରେ ନିଯୁକ୍ତ କରିପାରିବ | ବିଶେଷଜ୍ଞ ନିର୍ଦ୍ଦେଶିକାଙ୍କ ଅଧିକା ନିର୍ବାଚନରେ ଭୋଟ୍ ଦେବାର ଅଧିକାର ରହିବ ନାହିଁ କିନ୍ତୁ ଏହାର ଆର୍ଟିକିଲ୍ ଦ୍ୱାରା କ୍ଷମତା ପ୍ରଦାନ କରାଯାଇଥିଲେ ଚେୟାରମ୍ୟାନ୍ ଭାବରେ ନିର୍ବାଚିତ ହେବାକୁ ଯୋଗ୍ୟ ହେବେ। ଅଧିକନ୍ତୁ, କମ୍ପାନୀର ଆର୍ଟିକଲ୍ ଅନୁଯାୟୀ ସର୍ବାଧିକ ସମୟ, ଯାହା ପାଇଁ ବିଶେଷଜ୍ଞ ନିର୍ଦ୍ଦେଶକ କିମ୍ବା ଅତିରିକ୍ତ ନିର୍ଦ୍ଦେଶକ କାର୍ଯ୍ୟ କରନ୍ତି, ଆର୍ଟିକଲ୍ ରେ ଦର୍ଶାଯାଇଥିବା ସମୟସୀମାଠାରୁ ଅଧିକ ହେବ ନାହିଁ |

୩୭୮ (୦): ନିର୍ଦ୍ଦେଶିକାଙ୍କ କାର୍ଯ୍ୟ ନିବୃତି

୧. ଏକ ଉତ୍ପାଦିକା କମ୍ପାନୀର ନିର୍ଦ୍ଦେଶିକା କାର୍ଯ୍ୟ କରୁନାହାନ୍ତି ବୋଲି ଧରାଯିବ ଯଦି:

- ନୈତିକ ଅସ୍ଥିରତା ସହିତ ଜଡିତ କୌଣସି ଅପରାଧରେ ତାଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି ଏବଂ ଏହି ଘଟଣାରେ ତାଙ୍କୁ ଅତି କମ ରେ ଛଅ ମାସ ଜେଲ ଦଣ୍ଡାଦେଶ ଦିଆଯାଇଛି।
- ଉତ୍ପାଦିକା କମ୍ପାନୀ, ଯେଉଁଥିରେ ସେ ଜଣେ ନିର୍ଦ୍ଦେଶିକା, କୌଣସି କମ୍ପାନୀ କିମ୍ବା ଅନୁଷ୍ଠାନ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କଠାରୁ ନିଆଯାଇଥିବା ଅଗ୍ରିମ ରାଶି କିମ୍ବା ଋଣ ପରିଶୋଧ କରିବାରେ ଅନିୟମିତତା କରିଛନ୍ତି ଏବଂ ଏହିପରି ଅନିୟମିତତା ନବେ ଦିନ ପର୍ଯ୍ୟନ୍ତ ଜାରି ରହିଛି।
- ସେ ଉତ୍ପାଦିକା କମ୍ପାନୀରୁ ଯେଉଁଥିରେ ସେ ଜଣେ ନିର୍ଦ୍ଦେଶିକା ଅଟନ୍ତି, ସେ ବ୍ୟକ୍ତିଗତ ଭାବେ ନେଇଥିବା କୌଣସି ଅଗ୍ରିମ ରାଶି କିମ୍ବା ଋଣ ପରିଶୋଧ କରିବାରେ ଅନିୟମିତତା କରିଛନ୍ତି।
- ଉତ୍ପାଦିକା କମ୍ପାନୀ, ଯେଉଁଥିରେ ସେ ଜଣେ ନିର୍ଦ୍ଦେଶିକା ଅଟନ୍ତି, କ୍ରମାଗତ ତିନି ଆର୍ଥିକ ବର୍ଷ ପାଇଁ ବାର୍ଷିକ ଆକାଉଣ୍ଟ ଏବଂ ବାର୍ଷିକ ରିଟର୍ଣ୍ଣ ଦାଖଲ କରିନାହାଁନ୍ତି କିମ୍ବା ଏକ ବର୍ଷ କିମ୍ବା ଅଧିକ ସମୟ ଧରି ଏହାର ଜମା ପରିଶୋଧ କରିବାରେ କିମ୍ବା ଧାର୍ଯ୍ୟ ତାରିଖ ଅନୁଯାୟୀ ଏହାର ପୃଷ୍ଠପୋଷକତା ବୋନସ, ଡିଭିଡେଣ୍ଡ ପ୍ରଦାନ କିମ୍ବା ସୁଧକୁ ଦେବାରେ ଅସମର୍ଥ ହୋଇଛନ୍ତି।

- ଏହି ଅଧିନିୟମ ଏବଂ ଆର୍ଟିକିଲ୍ ଅନୁଯାୟୀ ଉତ୍ପାଦିକା କମ୍ପାନୀରେ ଯେଉଁଠାରେ ସେ ଜଣେ ନିର୍ଦ୍ଦେଶିକା ଅଟନ୍ତି, ନିର୍ଦ୍ଦେଶିକାଙ୍କ ପାଇଁ ନିର୍ବାଚନ ଆୟୋଜନ କରିବାରେ ଅସମର୍ଥ ହୋଇଛନ୍ତି।
- ଉତ୍ପାଦିକା କମ୍ପାନୀର ଯେଉଁଥିରେ ସେ ଜଣେ ନିର୍ଦ୍ଦେଶକ, ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅନ୍ୟାନ୍ୟ କାରଣ ବ୍ୟତୀତ ଏହି ଆଇନର ନିୟମାବଳୀ ଅନୁଯାୟୀ ବାର୍ଷିକ ସାଧାରଣ ବୈଠକ କିମ୍ବା ବିଶେଷ ସାଧାରଣ ବୈଠକ କରିବାରେ ବିଫଳ ହୁଅନ୍ତି |

୨. ଉପ-ଧାରା (୧) ର ବ୍ୟବସ୍ଥା, ଏକ ଉତ୍ପାଦିକା ଅନୁଷ୍ଠାନର ଯାହାକି ଏକ ଉତ୍ପାଦିକା କମ୍ପାନୀର ସଦସ୍ୟା ଅଟେ ତାହାର ନିର୍ଦ୍ଦେଶିକାଙ୍କ ପାଇଁ ପ୍ରଯୁଜ୍ୟ ହେବ |

୩୭୮ (R): ବୋର୍ଡର କ୍ଷମତା ଏବଂ କାର୍ଯ୍ୟ

୧. ଏହି ଅଧିନିୟମର ଧାରା ଏବଂ ଆର୍ଟିକିଲ୍ ଅନୁଯାୟୀ, ଏକ ଉତ୍ପାଦିକା କମ୍ପାନୀର ନିର୍ଦ୍ଦେଶିକା ମଣ୍ଡଳୀ ଏହିପରି ସମସ୍ତ କ୍ଷମତା ପ୍ରୟୋଗ କରିବେ ଏବଂ ଏହିପରି ସମସ୍ତ କାର୍ଯ୍ୟ କରିବେ, ଯାହା କମ୍ପାନୀ ଦ୍ୱାରା ଅନୁମତିପ୍ରାପ୍ତ ହୋଇଥିବ |

୨. ନିମ୍ନଲିଖିତ କ୍ଷମତା ଗୁଡିକ ନିର୍ଦ୍ଦେଶିକା ମଣ୍ଡଳୀର କ୍ଷମତାର ପରିସରଭୁକ୍ତ ହୋଇଥାଏ:

- ଡିଭିଡେଣ୍ଡ ଦେବାର ନିର୍ଣ୍ଣୟ
- ଅଟକାଯାଇଥିବା ମୂଲ୍ୟର ପରିମାଣ ନିର୍ଣ୍ଣୟ କରିବା ଏବଂ ପୃଷ୍ଠପୋଷକତା ର ଅନୁମୋଦନ ପାଇଁ ସାଧାରଣ ସଭା ରେ ପ୍ରସ୍ତାବ ଦେବା
- ନୂତନ ସଦସ୍ୟତା ଗ୍ରହଣ
- ସାଂଗଠନିକ ନୀତି, ଉଦ୍ଦେଶ୍ୟଗୁଡିକ ଅନୁସରଣ କରିବା, ନିର୍ଦ୍ଦିଷ୍ଟ ଦୀର୍ଘକାଳୀନ ଏବଂ ବାର୍ଷିକ ଉଦ୍ଦେଶ୍ୟ ପ୍ରତିଷ୍ଠା କରିବା, ସାଂଗଠନିକ ରଣନୀତି ଏବଂ ଆର୍ଥିକ ଯୋଜନାଗୁଡିକୁ ଅନୁମୋଦନ କରିବା
- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଉତ୍ପାଦିକା କମ୍ପାନୀର ଅନ୍ୟାନ୍ୟ ଅଧିକାରୀଙ୍କ ନିଯୁକ୍ତି
- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସେମାନଙ୍କ ଦ୍ୱାରା ନିଯୁକ୍ତ ଅନ୍ୟ ଅଧିକାରୀଙ୍କ ଉପରେ ନିରୀକ୍ଷଣ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ

- ଆକାଉଣ୍ଟ ପୁସ୍ତକଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ; ବାର୍ଷିକ ସାଧାରଣ ବୈଠକ ପୂର୍ବରୁ ଅଡିଟରଙ୍କ ରିପୋର୍ଟ ଏବଂ ଅଡିଟରଙ୍କ ଦ୍ୱାରା ପ୍ରସ୍ତୁତ ବାର୍ଷିକ ଆକାଉଣ୍ଟ ପ୍ରସ୍ତୁତ କରିବା
- ଉତ୍ପାଦିକା କମ୍ପାନୀର ସମ୍ପତ୍ତି ଅଧିଗ୍ରହଣ କିମ୍ବା ବିକ୍ରି
- ଉତ୍ପାଦିକା କମ୍ପାନୀର ପାଣ୍ଠିର ବିନିଯୋଗ
- ଉତ୍ପାଦିକା କମ୍ପାନୀର ବ୍ୟବସାୟିକ କାର୍ଯ୍ୟକଳାପ ସହିତ ଯେକୌଣସି ଋଣ କିମ୍ବା ଅଗ୍ରିମ ରାଶି ମଞ୍ଜୁର କରିବା
- ଅନ୍ୟାନ୍ୟ କାର୍ଯ୍ୟ କରିବା ଯାହାକି ନିର୍ଦ୍ଦେଶିକା ମଣ୍ଡଳୀର କ୍ଷମତାର ପରିସରଭୁକ୍ତ ହୋଇଥାଏ

୩. ଉପ- ଧାରା (୧) ଏବଂ (୨) ରେ ନିର୍ଦ୍ଦିଷ୍ଟ ହୋଇଥିବା ସମସ୍ତ କ୍ଷମତା ବୋର୍ଡ ଦ୍ୱାରା ଉତ୍ପାଦିକା କମ୍ପାନୀ ତରଫରୁ ତାଙ୍କ ବୈଠକରେ ପାରିତ ହୋଇଥିବା ରିଜୋଲ୍ୟୁସନ୍ ମାଧ୍ୟମରେ କାର୍ଯ୍ୟକାରୀ ହେବା

ଜଣେ ନିର୍ଦ୍ଦେଶିକା କିମ୍ବା ଏକ ନିର୍ଦ୍ଦେଶିକା ଙ୍କ ଗୋଷ୍ଠୀ, ଯେଉଁମାନେ ବୋର୍ଡ ଗଠନ କରନ୍ତି ନାହିଁ, ସେମାନେ ତାଙ୍କର କ୍ଷମତା ନିର୍ଦ୍ଦେଶିକା ମଣ୍ଡଳୀ ଦ୍ୱାରା ପ୍ରୟୋଗଯୋଗ୍ୟ କରିପାରିବେ ନାହିଁ |

୩୭୮ (S): ସାଧାରଣ ସଭାରେ କାର୍ଯ୍ୟକାରୀ ହେବାକୁ ଥିବା ବିଷୟ୍

ଏକ ଉତ୍ପାଦିକା କମ୍ପାନୀର ନିର୍ଦ୍ଦେଶିକା ବୋର୍ଡ ସେହି କମ୍ପାନୀ ତରଫରୁ ନିମ୍ନଲିଖିତ କ୍ଷମତା ପ୍ରୟୋଗ କରିବେ ଏବଂ ଏହା କେବଳ ଏହାର ସଦସ୍ୟମାନଙ୍କର ବାର୍ଷିକ ସାଧାରଣ ସଭାରେ ପାରିତ ହୋଇଥିବା ସଂକଳ୍ପ ମାଧ୍ୟମରେ କରାଯିବ ଯେପରି:

୧. ବଜେଟ୍ ଏବଂ ଉତ୍ପାଦିକା କମ୍ପାନୀର ବାର୍ଷିକ ଆକାଉଣ୍ଟ୍ ଅନୁମୋଦନ
୨. ପୃଷ୍ଠପୋଷକ ବୋନସର ଅନୁମୋଦନ
୩. ବୋନସ ସେୟାର ଜାରି କରିବା
୪. ସୀମିତ ରିଟର୍ଣ୍ଣ ଘୋଷଣା ଏବଂ ପୃଷ୍ଠପୋଷକତା ବଣ୍ଟନ ଉପରେ ନିଷ୍ପତ୍ତି
୫. କୌଣସି ନିର୍ଦ୍ଦେଶିକାଙ୍କୁ ବୋର୍ଡ ଦେଇଥିବା ଋଣର ସର୍ତ୍ତ ଏବଂ ସୀମା ନିର୍ଦ୍ଧାରଣ
୬. କୌଣସି ଅନ୍ୟ କାରବାରର ଅନୁମୋଦନ ଯାହା ସଦସ୍ୟ ମାନେ ଅନୁମୋଦନ ଦେବେ

୩୭୮ (T): ନିର୍ଦ୍ଦେଶିକାଙ୍କ ଉତ୍ତରଦାୟିତ୍ୱ

୧. ଯେତେବେଳେ ନିର୍ଦ୍ଦେଶିକା ମାନେ ଏହି ଆଇନ୍ କିମ୍ବା ଅନ୍ୟ କୌଣସି ଆଇନର ନିୟମ ଉଲ୍ଲଂଘନ କରାଯାଇ ଏକ ବୈଠକ ବିବରଣୀ ପାଇଁ ଭୋଟ୍ ଦିଅନ୍ତି, କିମ୍ବା ଅନ୍ୟ କୌଣସି ଉପାୟରେ ଅନୁମୋଦନ କରନ୍ତି, ସେଥିପାଇଁ ଉତ୍ପାଦିକା କମ୍ପାନୀ କୁ ହୋଇଥିବା କ୍ଷତି ପାଇଁ ସେମାନେ ମିଳିତ ଭାବରେ ଦାୟୀ ରହିବେ |

୨. ଉପ-ଧାରା (୧) ରେ ଥିବା ବ୍ୟବସ୍ଥାଗୁଡ଼ିକର କୌଣସି ଖିଲାପ ନକରି, ଉତ୍ପାଦିକା କମ୍ପାନୀ ଏହାର ନିର୍ଦ୍ଦେଶିକାଙ୍କ ଠାରୁ ନିମ୍ନଲିଖିତ ପୁନରୁଦ୍ଧାର କରିବାର ଅଧିକାର ପାଇବ:

- ଯେଉଁଠାରେ ଉପ- ଧାରା (୧) ରେ ଉଲ୍ଲେଖିତ ଉଲ୍ଲଂଘନ ହେତୁ ଏହିପରି ନିର୍ଦ୍ଦେଶିକା କୌଣସି ଲାଭ କରିଛନ୍ତି
- ଯେଉଁଠାରେ ଉପ- ଧାରା ୧) ରେ ଉଲ୍ଲେଖିତ ପ୍ର ଉଲ୍ଲଂଘନ ର ପରିଣାମ ସ୍ୱରୂପ ଉତ୍ପାଦିକା କମ୍ପାନୀ କୌଣସି କ୍ଷତି କରିଛି

୩. ଏହି ଧାରା ଅଧୀନରେ ଲାଗୁ ହୋଇଥିବା ଉତ୍ତରଦାୟିତ୍ୱ ଏହି ଅଧିନିୟମ କିମ୍ବା ଅନ୍ୟ କୌଣସି ନିୟମ ଅନୁଯାୟୀ ନିର୍ଦ୍ଦେଶିକାଙ୍କ ଉପରେ ଲଗାଯାଇଥିବା ଉତ୍ତରଦାୟିତ୍ୱ କୁ ଖିଲାପ କରିବ ନାହିଁ |

୩୭୮ (U): ନିର୍ଦ୍ଦେଶିକାଙ୍କ କମିଟି

୧. ନିର୍ଦ୍ଦେଶିକାଙ୍କ ବୋର୍ଡ ଏହାର କାର୍ଯ୍ୟକାରିତାକୁ କାର୍ଯ୍ୟକ୍ଷମ କରିବାରେ ସହାୟକ ହେବା ଉଦ୍ଦେଶ୍ୟରେ ବିଭିନ୍ନ କମିଟି ଗଠନ କରିପାରେ | କିନ୍ତୁ ବୋର୍ଡ ନିଜର କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କୌଣସି କ୍ଷମତା କମିଟିରେ ନ୍ୟସ୍ତ କରିବ ନାହିଁ |

୨. ଉପ-ଧାରା (୧) ଅଧୀନରେ ଗଠିତ ଏକ କମିଟି, ବୋର୍ଡର ଅନୁମୋଦନ କ୍ରମେ, ଅନ୍ୟ କିଛି ବ୍ୟକ୍ତିଙ୍କୁ ଚୟନ କରିପାରନ୍ତି | ଧାରା ୩୭୮W ଅନୁଯାୟୀ କମିଟିରେ ଉତ୍ପାଦିକା କମ୍ପାନୀର ନିର୍ଦ୍ଦେଶିକା କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଏପରି କମିଟିର ସଦସ୍ୟ। ରହିବେ |

୩. ନିର୍ଦ୍ଦେଶିକା ବୋର୍ଡ଼ର ନିର୍ଦ୍ଦେଶ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ସମୟ ଏବଂ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ରେ ଏହି କମିଟି ସବୁ ନିର୍ଦ୍ଦେଶିକା ବୋର୍ଡ଼ ର ନିରୀକ୍ଷଣ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ ରେ ପରିଚାଳିତ ହେବ |

୪. କମିଟିର ସଦସ୍ୟମାନଙ୍କୁ ଦିଆଯିବାକୁ ଥିବା ଫି ଏବଂ ଭତ୍ତା ନିର୍ଦ୍ଦେଶକ ବୋର୍ଡ଼ ଦ୍ୱାରା ସ୍ଥିର କରାଯାଇପାରେ।

୫. କମିଟିର ପ୍ରତ୍ୟେକ ବୈଠକର ଲିଖିତ ନିଷ୍ପତ୍ତି ଏହାର ପରବର୍ତ୍ତୀ ବୈଠକରେ ନିର୍ଦ୍ଦେଶିକା ବୋର୍ଡ ସମ୍ମୁଖରେ ରଖାଯିବ।

୩୭୮ (V): ନିର୍ଦ୍ଦେଶିକା ବୋର୍ଡ଼ର ବୈଠକ ଏବଂ କୋରମ

୧. ବୋର୍ଡର ବୈଠକ ପ୍ରତି ତିନି ମାସରେ ଥରେ ଏବଂ ପ୍ରତିବର୍ଷ ଅତି କମରେ ଚାରିଟି ବୈଠକ ଅନୁଷ୍ଠିତ ହେବ।

୨. ବୋର୍ଡର ପ୍ରତ୍ୟେକ ବୈଠକର ବିଜ୍ଞପ୍ତି ପ୍ରତ୍ୟେକ ନିର୍ଦ୍ଦେଶିକା ଙ୍କୁ ତାଙ୍କର ଠିକଣାରେ ଲିଖିତ ଆକାରରେ ଅବଗତ କରାଯିବ।

୩. ବୋର୍ଡର ବୈଠକ ତାରିଖର ସାତ ଦିନ ପୂର୍ବରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ନୋଟିସ୍ ଦେବେ ଏବଂ ଯଦି ସେ ତାହା ନକରନ୍ତି ତେବେ ତାଙ୍କୁ ପାଞ୍ଚ ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ । ବୋର୍ଡର ଏକ ବୈଠକ ସ୍ୱଳ୍ପ ସମୟ ବିଜ୍ଞପ୍ତିରେ ଡକାଯାଇପାରେ ଏବଂ ଏହାର କାରଣଗୁଡିକ ବୋର୍ଡ ଦ୍ୱାରା ଲିଖିତ ଭାବରେ ଲିପିବଦ୍ଧ ହେବ।

୪. ବୋର୍ଡର ଏକ ବୈଠକ ପାଇଁ କୋରମ୍ ନିର୍ଦ୍ଦେଶିକାଙ୍କ ମୋଟ ଶକ୍ତିର ଏକ ତୃତୀୟାଂଶ କିମ୍ବା ସର୍ବନିମ୍ନ ତିନିଜଣ ନିର୍ଦ୍ଦେଶିକା ହେବ।

୫. ଆର୍ଟିକିଲ୍ ରେ ଦର୍ଶାଯାଇଥିବା ନିୟମ ଅନୁଯାୟୀ, ମନୋନୀତ ନିର୍ଦ୍ଦେଶିକାମାନଙ୍କୁ ବୋର୍ଡର ବୈଠକରେ ଯୋଗଦେବା ପାଇଁ ଫି ଏବଂ ଭତ୍ତା ପ୍ରଦାନ କରାଯାଇପାରେ, ଯାହା ଉପରେ ସାଧାରଣ ସଭାରେ ସଦସ୍ୟମାନେ ନିଷ୍ପତ୍ତି ନେଇପାରନ୍ତି।

୩୭୮ (W): ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ତାଙ୍କର କାର୍ଯ୍ୟ

୧. ପ୍ରତ୍ୟେକ ଉତ୍ପାଦିକା କମ୍ପାନୀର ଏକ ପୂର୍ଣ୍ଣ ସମୟ ପାଇଁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରହିବେ, ଯିଏ ସଦସ୍ୟାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିବିଶେଷ ମଧ୍ୟରୁ ବୋର୍ଡ ଦ୍ୱାରା ନିଯୁକ୍ତ ହେବେ |

୨. ମୁଖ୍ୟ କାର୍ଯ୍ୟନିର୍ବାହୀ ବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ହେବେ ଏବଂ ନିର୍ଦ୍ଦେଶିକା ପରିବର୍ତ୍ତନ ପ୍ରକ୍ରିୟା ଦ୍ୱାରା ଅବସର ନେବେ ନାହିଁ|

୩. ଆର୍ଟିକିଲ୍ ରେ ଦର୍ଶାଯାଇଥିବା ନିୟମ ଅନୁଯାୟୀ, ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କର ଯୋଗ୍ୟତା, ଅଭିଜ୍ଞତା ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କର ସେବା ସର୍ତ୍ତାବଳୀ ବୋର୍ଡ ଦ୍ୱାରା ସ୍ଥିର କରାଯିବ।

୪. ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ବୋର୍ଡ ନିର୍ଣ୍ଣୟ କରିଥିବା ପରିଚାଳନାଗତ କ୍ଷମତା ପ୍ରଦାନ କରାଯିବ।

୫. ଉପ-ଧାରା (4) ର ନିୟମ ଅନୁଯାୟୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ନିମ୍ନଲିଖିତ କ୍ଷମତା ପ୍ରୟୋଗ ଏବଂ କାର୍ଯ୍ୟ ଗୁଡିକ ନିର୍ବାହ କରିପାରିବେ:

- ଉତ୍ପାଦିକା କମ୍ପାନୀର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ସହିତ ଏକ ନିତ୍ୟ ବ୍ୟବହାର୍ଯ୍ୟ ପ୍ରଶାସନିକ କାର୍ଯ୍ୟ କରିବା
- ବ୍ୟାଙ୍କ ଆକାଉଣ୍ଟଗୁଡିକ ପରିଚାଳନା କରିବା କିମ୍ବା ବ୍ୟାଙ୍କ ଆକାଉଣ୍ଟକୁ ପରିଚାଳନା କରିବା ପାଇଁ ବୋର୍ଡର ସାଧାରଣ କିମ୍ବା ସ୍ୱତନ୍ତ୍ର ଅନୁମୋଦନ ଅନୁଯାୟୀ, କୌଣସି ବ୍ୟକ୍ତିଙ୍କୁ ଅନୁମତି ଦେବା
- ଉତ୍ପାଦିକା କମ୍ପାନୀର ନଗଦ ରାଶି ଏବଂ ଅନ୍ୟାନ୍ୟ ସମ୍ପତ୍ତିକୁ ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରିବା
- କମ୍ପାନୀ ଦ୍ୱାରା ଏବଂ ତରଫରୁ ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଡକ୍ୟୁମେଣ୍ଟଗୁଡିକରେ ଦସ୍ତଖତ କରିବା
- ଲେଖାପୁସ୍ତକ ଗୁଡ଼ିକର ଉପଯୁକ୍ତ ପରିଚାଳନା; ବାର୍ଷିକ ଆକାଉଣ୍ଟ ପ୍ରସ୍ତୁତ କରିବା ଏବଂ ଏହାର ଅଡିଟ୍ କରିବା; ଅଡିଟ୍ ଆକାଉଣ୍ଟଗୁଡିକ ବୋର୍ଡ ସମ୍ମୁଖରେ ଏବଂ ସଦସ୍ୟାମାନଙ୍କର ସମ୍ମୁଖରେ ବାର୍ଷିକ ସାଧାରଣ ସଭାରେ ଉପସ୍ଥାପନା କରିବା

- ଉତ୍ପାଦିକା କମ୍ପାନୀର କାର୍ଯ୍ୟକଳାପ ଏବଂ କାର୍ଯ୍ୟ ବିଷୟରେ ସଦସ୍ୟମାନଙ୍କୁ ଅବଗତ କରାଇବା ପାଇଁ ପର୍ଯ୍ୟାୟକ୍ରମେ ସୂଚନା ଦେବା |
- ବୋର୍ଡ ଦ୍ୱାରା ତାଙ୍କୁ ଦିଆଯାଇଥିବା କ୍ଷମତା ଅନୁଯାୟୀ ବିଭିନ୍ନ ପଦବୀରେ ନିଯୁକ୍ତି ଦେବା |
- ଲକ୍ଷ୍ୟ, ଉଦ୍ଦେଶ୍ୟ, ରଣନୀତି, ଯୋଜନା ଏବଂ ନୀତି ପ୍ରସ୍ତୁତ କରିବାରେ ବୋର୍ଡକୁ ସାହାଯ୍ୟ କରିବା |
- ପ୍ରସ୍ତାବିତ ତଥା ଚାଲୁଥିବା କାର୍ଯ୍ୟକଳାପ ସମ୍ବନ୍ଧରେ ଆଇନଗତ ଏବଂ ନିୟାମକ ସମ୍ବନ୍ଧୀୟ ପରାମର୍ଶ ବୋର୍ଡକୁ ଦେବା ଏବଂ ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବା |
- ଦୈନନ୍ଦିନ ବ୍ୟବସାୟରେ ଆବଶ୍ୟକ ଅନୁଯାୟୀ ନିଜ କ୍ଷମତାର ଉପଯୋଗ କରିବା |
- ନିର୍ଦ୍ଦେଶିକା ବୋର୍ଡ଼ ଦ୍ୱାରା ପ୍ରଦତ୍ତ ଯେକୌଣସି କ୍ଷମତା ର ଆବଶ୍ୟକ ସ୍ଥଳେ ଉପଯୋଗ କରିବା

୬. ମୁଖ୍ୟ କାର୍ଯ୍ୟନିର୍ବାହୀ ବୋର୍ଡର ନିରୀକ୍ଷଣ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ ଅଧୀନରେ ଉତ୍ପାଦିକା କମ୍ପାନୀର କାର୍ଯ୍ୟ ପରିଚାଳନା କରିବେ ଏବଂ ଉତ୍ପାଦିକା କମ୍ପାନୀର କାର୍ଯ୍ୟଦକ୍ଷତା ପାଇଁ ଉତ୍ତରଦାୟୀ ହେବେ |

୩୭୮ (X): ଉତ୍ପାଦିକା କମ୍ପାନୀର ସଚିବ

୧. କୌଣସି ଉତ୍ପାଦିକା କମ୍ପାନୀ ଯାହାର କ୍ରମାଗତ ତିନି ଆର୍ଥିକ ବର୍ଷରେ ହାରାହାରି ବାର୍ଷିକ କାରବାର ପାଞ୍ଚ କୋଟି ଟଙ୍କାରୁ ଅଧିକ କିମ୍ବା ଅନ୍ୟ କିଛି ମୂଲ୍ୟ ଯାହାକି କମ୍ପାନୀ ତରଫ ରୁ ଧାର୍ଯ୍ୟ କରାଯାଇପାରେ, ସେ କ୍ଷେତ୍ରରେ ଜଣେ ପୂର୍ଣ୍ଣକାଳୀନ ସଚିବ କମ୍ପାନୀରେ ରହିବେ |

୨. କମ୍ପାନୀ ସଚିବ ଅଧିନିୟମ, 1980 (1980 ର 56) ଅଧୀନରେ ଗଠିତ ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀ ଅଫ୍ ଇଣ୍ଡିଆ ରେ ସଦସ୍ୟତା ନ ଥିଲେ କୌଣସି ବ୍ୟକ୍ତିଙ୍କୁ ପୂର୍ଣ୍ଣକାଳୀନ ସଚିବ ଭାବରେ ନିଯୁକ୍ତ କରାଯିବ ନାହିଁ।

୩. ଯଦି ଏକ ଉତ୍ପାଦିକା କମ୍ପାନୀ ଉପ-ଧାରା (୧) ର ନିୟମାବଳୀ ପାଳନ କରିବାରେ ବିଫଳ ହୁଏ, ଖିଲାପ କରିଥିବା କମ୍ପାନୀ ଏବଂ କମ୍ପାନୀର ପ୍ରତ୍ୟେକ ଅଧିକାରୀ ସର୍ବାଧିକ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଶହେ ଟଙ୍କା ଜୋରିମାନା ଦେବେ ଯେ ପର୍ଯ୍ୟନ୍ତ ଖିଲାପ ହେବା ଜାରି ରହିବ |

୪. ଏହି ଉପ- ଧାରା ଅନ୍ତର୍ଗତ କୌଣସି ଖିଲାପ ରେ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଯଦି ଏହା ପ୍ରମାଣିତ ହୁଏ ଉପ-ଧାରା (୧) ର ବ୍ୟବସ୍ଥାକୁ ପାଳନ କରିବା ପାଇଁ ସମସ୍ତ ଯଥାର୍ଥ ପ୍ରୟାସ ନିଆଯାଇଛି କିମ୍ବା କମ୍ପାନୀ ର ଆର୍ଥିକ ସ୍ଥିତି ଏପରି ଥିଲା ଯେ ଏହା ଏକ ପୂର୍ଣ୍ଣକାଳୀନ ସଚିବଙ୍କୁ ନିଯୋଜିତ କରିବାର କ୍ଷମତା ବାହାରେ ଥିଲା |

୩୭୮ (Y): କୋରମ୍

ଯେପର୍ଯ୍ୟନ୍ତ ଆର୍ଟିକିଲ ଅନୁସାରେ ରେ ଅଧିକ ସଂଖ୍ୟା ଆବଶ୍ୟକ ନହୁଏ, ମୋଟ ସଦସ୍ୟତାର ଏକ ଚତୁର୍ଥାଂଶ ଏକ ସାଧାରଣ ସଭାରେ କୋରମ୍ ଗଠନ କରିବେ |

୩୭୮ (Z): ମତଦାନ ଅଧିକାର

ଧାରା ୩୭୮D ର ଉପ- ଧାରା (1) ଏବଂ (3) ରେ ଅନ୍ୟଥା ପ୍ରଦାନ କରାଯାଇଥିବା ନିୟମ ଅନୁଯାୟୀ, ଅଧକ୍ଷା ନିର୍ବାଚନ କୁ ଛାଡି ପ୍ରତ୍ୟେକ ସଦସ୍ୟାଙ୍କର ଗୋଟିଏ ଭୋଟ୍ ରହିବ ଏବଂ ଭୋଟ୍ ସମାନତା କ୍ଷେତ୍ରରେ, ଚେୟାରପରସନ୍ କିମ୍ବା ଅଧକ୍ଷତା କରୁଥିବା ବ୍ୟକ୍ତିଙ୍କ କାଷ୍ଟିଂ ଭୋଟ୍ ରହିବ |

ଚତୁର୍ଥ ଭାଗ

ସାଧାରଣ ସଭା ବୈଠକ

୩୭ (ZA): ବାର୍ଷିକ ସାଧାରଣ ସଭା

୧. ପ୍ରତ୍ୟେକ ଉତ୍ପାଦିକା କମ୍ପାନୀ ପ୍ରତିବର୍ଷ ଅନ୍ୟ କୌଣସି ବୈଠକ ସହିତ ବାର୍ଷିକ ସାଧାରଣ ସଭା ବୈଠକ ଆୟୋଜନ କରିବେ ଏବଂ କୌଣସି ଦୁଇଟି ସାଧାରଣ ସଭା ବୈଠକ ମଧ୍ୟ ରେ ୧୫ ମାସ ରୁ ଅଧିକ ସମୟ୍ ର ଅନ୍ତର ରହିବ ନାହିଁ | ସର୍ତ୍ତ ରହିଛି ଯେ ରେଜିଷ୍ଟ୍ରାର, କୌଣସି ବିଶେଷ କାରଣ ପାଇଁ, କୌଣସି ବାର୍ଷିକ ସାଧାରଣ ବୈଠକ (ପ୍ରଥମ ବାର୍ଷିକ ସାଧାରଣ ବୈଠକ ନୁହେଁ) ଆୟୋଜନ ପାଇଁ ସମୟ୍କୁ ଅତି ବେଶୀରେ ତିନିମାସ ବଢାଇବା ପାଇଁ ଅନୁମତି ଦେଇପାରେ|

୨. ଏକ ଉତ୍ପାଦିକା କମ୍ପାନୀ ଏହାର ପ୍ରଥମ ବାର୍ଷିକ ସାଧାରଣ ବୈଠକ ଏହାର ପଞ୍ଜିକରଣ ତାରିଖ ଠାରୁ ନବେ ଦିନ ମଧ୍ୟରେ ଆୟୋଜନ କରିବ|

୩. ସଦସ୍ୟମାନେ ଉତ୍ପାଦିକା କମ୍ପାନୀର ଆର୍ଟିକିଲ୍ କୁ ଅନୁମୋଦନ ଓ ମାନ୍ୟତା ଦେବେ ଏବଂ ବାର୍ଷିକ ସାଧାରଣ ସଭାରେ ଏହାର ବୋର୍ଡର ନିର୍ଦ୍ଦେଶିକା ନିଯୁକ୍ତ କରିବେ|

୪. ବାର୍ଷିକ ସାଧାରଣ ସଭାକୁ ଡାକିଥିବା ବିଜ୍ଞପ୍ତି ରେ ନିମ୍ନଲିଖିତ ଦଲିଲଗୁଡ଼ିକ ଲାଗିବ:

- ବାର୍ଷିକ ସାଧାରଣ ସଭାର ଏଜେଣ୍ଡା
- ପୂର୍ବ ବାର୍ଷିକ ସାଧାରଣ ସଭାର ଲିଖିତ ବିବରଣୀ କିମ୍ବା ସ୍ୱତନ୍ତ୍ର ସାଧାରଣ ସଭାର ଲିଖିତ ବିବରଣୀ
- ନିର୍ଦ୍ଦେଶିକା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ନାମ (ଯଦି ଦରକାର ଥାଏ), ଏବଂ ପ୍ରତ୍ୟେକ ପ୍ରାର୍ଥୀଙ୍କ ଯୋଗ୍ୟତା ବିବରଣୀ
- ଅଡିଟ୍ ହୋଇଥିବା ବାଲାନ୍ସ- ସିଟ୍ ଏବଂ ଉତ୍ପାଦିକା କମ୍ପାନୀ ଏବଂ ଏହାର ସହାୟକ କମ୍ପାନୀର ଲାଭ ଏବଂ କ୍ଷତି ଆକାଉଣ୍ଟ୍ ସହିତ କମ୍ପାନୀର ପରିଚାଳନା ବୋର୍ଡର ଏକ ରିପୋର୍ଟ ଯେଉଁଥିରେ ନିମ୍ନଲିଖିତ ବିନ୍ଦୁ ଦର୍ଶାଯାଇଥିବ:

-ଉତ୍ପାଦିକା କମ୍ପାନୀର ପରିସ୍ଥିତି
-କମ୍ପାନୀ ରେ ରିଜର୍ଭ ରାଶି ପରିମାଣ କେତେ ରଖାଯିବ
-ସେୟାର ପୁଞ୍ଜି ଉପରେ ସୀମିତ ରିଟର୍ଣ୍ଣ ଭାବରେ ପ୍ରଦାନ କରାଯିବାକୁ ଥିବା ରାଶି
-ପୃଷ୍ଠପୋଷକ ବୋନସ୍ ଭାବରେ ପ୍ରଦାନ କରିବାକୁ ପ୍ରସ୍ତାବିତ ରାଶି
-ଉତ୍ପାଦିକା କମ୍ପାନୀ ଏବଂ ଏହାର ସହାୟକ ସଂସ୍ଥାର ଆର୍ଥିକ ସ୍ଥିତିକୁ ପ୍ରଭାବିତ କରୁଥିବା ସାମଗ୍ରୀକ ପରିବର୍ତ୍ତନ ଏବଂ ପ୍ରତିବଦ୍ଧତା, ଯାହା ଉତ୍ପାଦିକା କମ୍ପାନୀର ବାର୍ଷିକ ଆକାଉଣ୍ଟ ତାରିଖ ମଧରେ ଏବଂ ବୋର୍ଡ ରିପୋର୍ଟର ତାରିଖ ମଧରେ ଘଟିଛି |
-ଶକ୍ତି ସଂରକ୍ଷଣ, ପରିବେଶ ସୁରକ୍ଷା, ବ୍ୟୟ କିମ୍ବା ବିଦେଶୀ ବିନିମୟରେ ରୋଜଗାର ସମ୍ବନ୍ଧୀୟ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ
-ଅନ୍ୟ କୌଣସି ବିଷୟ ଯାହା ବୋର୍ଡ ଦ୍ୱାରା ଦର୍ଶାଯାଇଥିବା ଆବଶ୍ୟକ

- ଅଡିଟର ନିଯୁକ୍ତି ପାଇଁ ବୈଠକ ବିବରଣୀ ଡ୍ରାଫ୍ଟ
- ବୋର୍ଡର ସୁପାରିଶ ସହିତ ସାଧାରଣ ସଭାରେ ବିବେଚନା କରାଯିବାକୁ ଥିବା ମେମୋରେଣ୍ଡମରେ କିମ୍ବା ଆର୍ଟିକିଲରେ ସଂଶୋଧନ ପ୍ରସ୍ତାବ ଦେଇଥିବା ଯେକୌଣସି ଡ୍ରାଫ୍ଟ ବୈଠକ ବିବରଣୀ

୫. ବୋର୍ଡ ଅଫ୍ ଡାଇରେକ୍ଟର୍ସ, ଲିଖିତ ଆକାରରେ ଦିଆଯାଇଥିବା ଆବଶ୍ୟକତା ଅନୁଯାୟୀ, ଯେକୌଣସି ସାଧାରଣ ସଭାରେ ଭୋଟ୍ ଦେବାର ଅଧିକାର ଥିବା ଏକ ତୃତୀୟାଂଶ ସଦସ୍ୟାଙ୍କ ଦ୍ୱାରା ଲିଖିତ ଆକାରରେ ସ୍ୱାକ୍ଷରିତ ଏବଂ ବିଚାର ପାଇଁ ବିଷୟ ସ୍ଥିର କରିବେ, ଏବଂ ଧାରା VII ରେ ଥିବା ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ଏକ ସ୍ୱତନ୍ତ୍ର ସାଧାରଣ ସଭା ଆୟୋଜନ କରିପାରିବେ |
୬. ପ୍ରତ୍ୟେକ ବାର୍ଷିକ ସାଧାରଣ ସଭା ବୈଠକ ଡକାଯିବ ଏବଂ ଉତ୍ପାଦିକା କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟରେ ସାଧାରଣ ଛୁଟି ହୋଇନଥିବା ଦିନ ଅନୁଷ୍ଠିତ ହେବ |

୭. ଲିଖିତ ଆକାରରେ ଚଉଦ ଦିନ ପୂର୍ବରୁ ନୋଟିସ୍ ଦେଇ ଉତ୍ପାଦିକା କମ୍ପାନୀର ଏକ ସାଧାରଣ ସଭା ବୈଠକ ଡକାଯିବ |

୮. ବୈଠକ ତାରିଖ, ସମୟ ଏବଂ ସ୍ଥାନ ଦର୍ଶାଇ ସାଧାରଣ ସଭାର ବିଜ୍ଞପ୍ତି ଉତ୍ପାଦିକା କମ୍ପାନୀର ପ୍ରତ୍ୟେକ ସଦସ୍ୟା ଏବଂ ଅଡିଟରଙ୍କ ନିକଟକୁ ପଠାଯିବ |

୯. ଉତ୍ପାଦିକା କମ୍ପାନୀର ଆର୍ଟିକିଲଗୁଡିକ ଯେପର୍ଯ୍ୟନ୍ତ ଅଧିକ ସଂଖ୍ୟା ପାଇଁ ଅନୁମୋଦନ ନଦେଇଛି, ଉତ୍ପାଦିକା କମ୍ପାନୀର ମୋଟ ସଂଖ୍ୟାର ଏକ ଚତୁର୍ଥାଂଶ ଏହାର ବାର୍ଷିକ ସାଧାରଣ ସଭା ପାଇଁ କୋରମ୍ ହେବ |

୧୦. ବୋର୍ଡର ରିପୋର୍ଟ, ଅଡିଟ୍ ହୋଇଥିବା ବାଲାନ୍ସ ସିଟ୍ ଏବଂ ଲାଭ ଏବଂ କ୍ଷତି ଆକାଉଣ୍ଟ ସହିତ ପ୍ରତ୍ୟେକ ବାର୍ଷିକ ସାଧାରଣ ସଭାର ପ୍ରକ୍ରିୟା, ବାର୍ଷିକ ସାଧାରଣ ବୈଠକ ହେବାର ତାରିଖର ଷାଠିଏ ଦିନ ମଧ୍ୟରେ ଅଧିନିୟମ ଅନୁଯାୟୀ ବାର୍ଷିକ ରିଟର୍ନ ଏବଂ ପ୍ରଯୁଜ୍ୟ ଫାଇଲିଂ ଫି ସହିତ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରାଯିବ |

୧୧. ଯେଉଁ କ୍ଷେତ୍ରରେ ଉତ୍ପାଦିକା ପ୍ରତିଷ୍ଠାନ ଦ୍ୱାରା ଏକ ଉତ୍ପାଦିକା କମ୍ପାନୀ ଗଠନ ହୁଏ, ସେହି ଅନୁଷ୍ଠାନଗୁଡିକ ସାଧାରଣ ସଭା ବୈଠକରେ ଚେୟାରପରସନ୍ କିମ୍ବା ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରତିନିଧିତ୍ୱ ମାଧ୍ୟମରେ ଭାଗ ନେବେ | ସର୍ତ୍ତ ରହିଛି ଯେ ଯଦି ଏପରି ଅନୁଷ୍ଠାନ ଧାରା ୩୭୮ ର ଉପ- ଧାରା (1) ର ଧାରା (d) ରୁ (f) ରେ ଦର୍ଶାଯାଇଥିବା ନିୟମ ପାଳିବାରେ ବିଫଳ ହୋଇଥାଏ କିମ୍ବା ଖିଲାପ କରିଥାଏ ସେହି ଅନୁଷ୍ଠାନ ଗୁଡିକ ସାଧାରଣ ସଭା ବୈଠକରେ ଭାଗ ନେଇପାରିବ ନାହିଁ |

ପଞ୍ଚମ ଭାଗ

ଅଂଶୀଦାର ପୁଞ୍ଜି ଏବଂ ସଦସ୍ୟାଙ୍କ ଅଧିକାର

୩୭୮ (ZB): ଅଂଶଧନ ପୁଞ୍ଜି

୧. ଏକ ଉତ୍ପାଦିକା କମ୍ପାନୀର ଅଂଶଧନ (ସେୟାର) ପୁଞ୍ଜି କେବଳ ଇକ୍ୱିଟି ସେୟାରକୁ ନେଇ ଗଠିତ ହେବ

୨. ଏକ ଉତ୍ପାଦିକା କମ୍ପାନୀରେ ଜଣେ ସଦସ୍ୟାଙ୍କ ଦ୍ୱାରା କ୍ରୟ କରାଯାଇଥିବା ଅଂଶଧନ ଯେତେ ସମ୍ଭବ, ସେହି କମ୍ପାନୀର ପୃଷ୍ଠପୋଷକତା ଅନୁପାତରେ ରହିବ

୩୭୮ (ZC): ବିଶେଷ ଅଧିକାର

୧. ଉତ୍ପାଦିକା , ଯେଉଁମାନେ ସକ୍ରିୟ ସଦସ୍ୟ। ଅଟନ୍ତି, ଯଦି ଆର୍ଟିକିଲ ରେ ଅଧିକାର ପ୍ରଦାନ କରାଯାଇଥାଏ, ତେବେ ସେମାନଙ୍କର କିଛି ବିଶେଷ ଅଧିକାର ରହିପାରେ ଏବଂ ଉତ୍ପାଦିକା କମ୍ପାନୀ ଏହିପରି ବିଶେଷ ଅଧିକାର ସମ୍ବନ୍ଧରେ ସେମାନଙ୍କୁ ଉପଯୁକ୍ତ କ୍ଷମତା ପ୍ରଦାନ କରିପାରନ୍ତି |

୨. ଉପ- ଧାରା (୧) ଅନୁଯାୟୀ ଜାରି କରାଯାଇଥିବା ଉତ୍ପାଦିକା କମ୍ପାନୀର କ୍ଷମତାଗୁଡ଼ିକ, ବୋର୍ଡର ଅନୁମୋଦନ ପାଇବା ପରେ, ସେହି ଉତ୍ପାଦିକା କମ୍ପାନୀର ଅନ୍ୟ ସକ୍ରିୟ ସଦସ୍ୟାଙ୍କୁ ସ୍ଥାନାନ୍ତର କରାଯାଇପାରିବ | "ବିଶେଷ ଅଧିକାର"ର ଅର୍ଥ ହେଉଛି ସକ୍ରିୟ ସଦସ୍ୟାଙ୍କ ଦ୍ୱାରା ଅତିରିକ୍ତ ଉତ୍ପାଦ ଯୋଗାଣ ସମ୍ବନ୍ଧୀୟ ଯେକୌଣସି ଅଧିକାର କିମ୍ବା ତାଙ୍କ ଉତ୍ପାଦ ସହିତ ଜଡିତ ଅନ୍ୟ କୌଣସି ଅଧିକାର ଯାହା ବୋର୍ଡ ଦ୍ୱାରା ତାଙ୍କୁ ପ୍ରଦାନ କରାଯାଇପାରେ|

୩୭୮ (ZD): ଅଂଶଧନ ସ୍ଥାନାନ୍ତର ଏବଂ ଉତ୍ତରାଧିକାରୀର ଅଧିକାର

୧. ଉପ- ଧାରା (2) ରୁ (4) ରେ ଅନ୍ୟଥା ପ୍ରଦାନ କରାଯାଇଥିବା ନିୟମ କୁ ଛାଡି, ଏକ ଉତ୍ପାଦିକା କମ୍ପାନୀର ଜଣେ ସଦସ୍ୟାଙ୍କ ଅଂଶଧନ ସ୍ଥାନାନ୍ତର ହେବ ନାହିଁ |

୨. ଏକ ଉତ୍ପାଦିକା କମ୍ପାନୀର ଜଣେ ସଦସ୍ୟା, ବୋର୍ଡର ଅନୁମୋଦନ ପାଇବା ପରେ, ତାଙ୍କ ଅଂଶଧନର ସମ୍ପୂର୍ଣ୍ଣ କିମ୍ବା କିଛି ଅଂଶକୁ ଯେକୌଣସି ଅନ୍ୟ ବିଶେଷ ଅଧିକାର ସହିତ ସମାନ ମୂଲ୍ୟରେ ଏକ ସକ୍ରିୟ ସଦସ୍ୟାଙ୍କୁ ସ୍ଥାନାନ୍ତର କରିପାରନ୍ତି |

୩. ପ୍ରତ୍ୟେକ ସଦସ୍ୟା, ଉତ୍ପାଦିକା କମ୍ପାନୀରେ ସଦସ୍ୟା ହେବାର ତିନିମାସ ମଧ୍ୟରେ, ଯଦି ଆର୍ଟିକିଲରେ ଦିଆଯାଇଥିବା ପଦ୍ଧତିରେ ଏକ ଉତ୍ତରାଧିକାରୀ ବ୍ୟକ୍ତିଙ୍କ ମନୋନୀତ କରିବେ, ଯାହାଙ୍କୁ ସଦସ୍ୟାଙ୍କ ମୃତ୍ୟୁ କ୍ଷେତ୍ର ରେ ଉତ୍ପାଦିକା କମ୍ପାନୀରେ ଥିବା ଅଂଶଧନ ସ୍ଥାନାନ୍ତର ହେବ |

୪. ସଦସ୍ୟାଙ୍କ ମୃତ୍ୟୁପରେ ଉତ୍ତରାଧିକାରୀ ଉତ୍ପାଦିକା କମ୍ପାନୀର ସେୟାରରେ ଥିବା ସମସ୍ତ ଅଧିକାର ପାଇବାକୁ ଯୋଗ୍ୟ ହେବେ ଏବଂ ସେହି କମ୍ପାନୀର ବୋର୍ଡ ମୃତ ସଦସ୍ୟାଙ୍କ ଅଂଶଧନକୁ ତାଙ୍କ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରିବ |
ଯେଉଁ କ୍ଷେତ୍ରରେ ଏପରି ଉତ୍ତରାଧିକାରୀ ଉତ୍ପାଦିକା ନୁହଁନ୍ତି, ବୋର୍ଡ ସ୍ୱତନ୍ତ୍ର ଅଧିକାର ଯଦି କିଛି ଥାଏ ତାହା ସହିତ ଅଂଶଧନ ଉତ୍ପାଦକ କମ୍ପାନୀକୁ ସମାନ ମୂଲ୍ୟରେ କିମ୍ବା ବୋର୍ଡ ଦ୍ୱାରା ସ୍ଥିର ହୋଇଥିବା ମୂଲ୍ୟ ଅନୁଯାୟୀ, ତାହା ସମର୍ପଣ କରିବାକୁ ନିର୍ଦ୍ଦେଶ ଦେବା

୫. ଯେଉଁଠାରେ ଏକ ଉତ୍ପାଦିକା କମ୍ପାନୀର ବୋର୍ଡ ଜାଣିବାକୁ ପାଆନ୍ତି ଯେ-

(କ) ଯେକୌଣସି ସଦସ୍ୟା ଏକ ପ୍ରାଥମିକ ଉତ୍ପାଦିକା ହେବା ବନ୍ଦ କରି ଦେଇଛନ୍ତି; କିମ୍ବା
(ଖ) ଯେକୌଣସି ସଦସ୍ୟା ଆର୍ଟିକିଲରେ ଉଲ୍ଲେଖ କରାଯାଇଥିବା ପରି ସଦସ୍ୟା ହେବା ପାଇଁ ନିଜର ଯୋଗ୍ୟତା ବଜାୟ ରଖିବାରେ ବିଫଳ ହୋଇଛନ୍ତି,

ବୋର୍ଡ ସେମାନଙ୍କର ସ୍ୱତନ୍ତ୍ର ଅଧିକାର ଯଦି କିଛି ଥାଏ ତାହା ସହିତ ଅଂଶଧନ କୁ ଉତ୍ପାଦକ କମ୍ପାନୀକୁ ସମାନ ମୂଲ୍ୟରେ କିମ୍ବା ବୋର୍ଡ ଦ୍ୱାରା ସ୍ଥିର ହୋଇଥିବା ମୂଲ୍ୟ ଅନୁଯାୟୀ, ତାହା ସମର୍ପଣ କରିବାକୁ ନିର୍ଦ୍ଦେଶ ଦେବ ।

ବୋର୍ଡ଼ ଏପରି କୌଣସି ନିର୍ଦ୍ଦେଶ ଦେବନାହିଁ ଯେପର୍ଯ୍ୟନ୍ତ ଏପରି ସଦସ୍ୟଙ୍କୁ ଲିଖିତ ନୋଟିସ ଦିଆଯାଇନାହିଁ କିମ୍ବା ସଦସ୍ୟାଙ୍କୁ ତାଙ୍କ ପକ୍ଷ ରଖିବାର ସୁଯୋଗ ଦିଆଯାଇନାହିଁ।

ଷଷ୍ଠ ଭାଗ

ଫାଇନାନ୍ସ, ଆକାଉଣ୍ଟ୍ ଏବଂ ଅଡିଟ୍

୩୭ (ZE): ଆକାଉଣ୍ଟ ପୁସ୍ତକ

୧. ପ୍ରତ୍ୟେକ ଉତ୍ପାଦିକା କମ୍ପାନୀ ଏହାର ପଞ୍ଜୀକୃତ କାର୍ଯ୍ୟାଳୟରେ ନିମ୍ନଲିଖିତ ବିଷୟ ଗୁଡ଼ିକ ସମ୍ପର୍କରେ ସଠିକ୍ ଆକାଉଣ୍ଟ୍ ପୁସ୍ତକ ରଖିବେ।

- ଉତ୍ପାଦିକା କମ୍ପାନୀ ଦ୍ୱାରା ପ୍ରାପ୍ତ କରାଯାଇଥିବା ଏବଂ ଖର୍ଚ୍ଚ ହୋଇଥିବା ସମସ୍ତ ରାଶି ଏବଂ ଯେଉଁ ସମ୍ବନ୍ଧରେ ପ୍ରାପ୍ତି ଏବଂ ବ୍ୟୟ ହୁଏ;
- ଉତ୍ପାଦିକା କମ୍ପାନୀ ଦ୍ୱାରା ସମସ୍ତ ସାମଗ୍ରୀର କ୍ରୟ ଏବଂ ବିକ୍ରୟ;
- ଉତ୍ପାଦିକା କମ୍ପାନୀ ଦ୍ୱାରା କିମ୍ବା ତରଫରୁ କାର୍ଯ୍ୟକାରୀ ହୋଇଥିବା ଉତ୍ତରଦାୟିତ୍ୱ;
- ଉତ୍ପାଦିକା କମ୍ପାନୀର ସମ୍ପତ୍ତି ଏବଂ ଉତ୍ତରଦାୟିତ୍ୱ;
- ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ଉତ୍ପାଦନରେ ନିୟୋଜିତ ଏକ ଉତ୍ପାଦିକା କମ୍ପାନୀ କ୍ଷେତ୍ରରେ, ସାମଗ୍ରୀ କିମ୍ବା ଶ୍ରମର ବ୍ୟବହାର କିମ୍ବା ଅନ୍ୟାନ୍ୟ ଖର୍ଚ୍ଚ ସମ୍ବନ୍ଧୀୟ ବିଶେଷତା

୨. ଉତ୍ପାଦିକା କମ୍ପାନୀର ବାଲାନ୍ସ-ସିଟ୍ ଏବଂ ଲାଭ କ୍ଷତି ଆକାଉଣ୍ଟଗୁଡିକ ଧାରା 129 ରେ ଥିବା ନିୟମାବଳୀ ଅନୁଯାୟୀ ପ୍ରସ୍ତୁତ ହେବ।

୩୭ (ZF): ଆଭ୍ୟନ୍ତରୀଣ ଅଡିଟ୍

ପ୍ରତ୍ୟେକ ଉତ୍ପାଦିକା କମ୍ପାନୀ ଏହାର ଖାତାଗୁଡ଼ିକର ଆଭ୍ୟନ୍ତରୀଣ ଅଡିଟ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଆକ୍ଟ, 1949 (1949 ର 38), ଧାରା 2 ର ଉପ-ଧାରା (1) ର (ଖ) ଅନୁଯାୟୀ କରିବେ।

ଆଭ୍ୟନ୍ତରୀଣ ଅଡିଟ୍ ର ସମୟ ବ୍ୟବଧାନ ଏବଂ ପ୍ରକ୍ରିୟା ଆର୍ଟିକିଲରେ ଦର୍ଶାଯାଇଥିବା ପ୍ରକ୍ରିୟା ଅନୁଯାୟୀ କରାଯିବ।

୩୭୮ (ZG): ଅଡିଟରଙ୍କ କର୍ତ୍ତବ୍ୟ

ଧାରା 143 ରେ ଥିବା ବ୍ୟବସ୍ଥାଗୁଡ଼ିକର କୌଣସି ଖିଲାପ ନକରି, ଉତ୍ପାଦିକା କମ୍ପାନୀ ସହିତ ଜଡିତ ନିମ୍ନଲିଖିତ ଅତିରିକ୍ତ ବିଷୟଗୁଡ଼ିକ ଉପରେ ଅଡିଟର ରିପୋର୍ଟ କରିବେ, ଯଥା: -

- ଋଣ ର ବିଶେଷତା ସହିତ ଦେୟ ପରିମାଣ, ଯଦି ଥାଏ
- ନଗଦ ରାଶି ଏବଂ ଜମା ରାଶିର ଯାଞ୍ଚ
- ସମ୍ପତ୍ତି ଏବଂ ଉତ୍ତରଦାୟିତ୍ୱ ଗୁଡିକର ବିବରଣୀ
- ସମସ୍ତ କାରବାର ଯାହା ଏହି ଅଧିନିୟମର ନିୟମ ବିରୁଦ୍ଧ ଅଟେ
- କମ୍ପାନୀ ଦ୍ୱାରା ନିର୍ଦ୍ଦେଶିକାମାନଙ୍କୁ ଦିଆଯାଇଥିବା ଋଣ
- ଉତ୍ପାଦିକା କମ୍ପାନୀ ଦ୍ୱାରା ଦିଆଯାଇଥିବା ଦାନ କିମ୍ବା ସଦସ୍ୟତା
- ଅଡିଟରଙ୍କ ଦ୍ୱାରା ଆବଶ୍ୟକ ବିବେଚନା କରାଯାଉଥିବା ଅନ୍ୟ କୌଣସି ବିଷୟ।

୩୭୮ (ZH): ଉତ୍ପାଦିକା କମ୍ପାନୀ ଦ୍ୱାରା ଦାନ କିମ୍ବା ସଦସ୍ୟତା

ଏକ ଉତ୍ପାଦିକା କମ୍ପାନୀ, ସ୍ୱତନ୍ତ୍ର ବୈଠକ ବିବରଣୀ ଦ୍ୱାରା, କୌଣସି ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷଙ୍କୁ ନିମ୍ନଲିଖିତ ଉଦ୍ଦେଶ୍ୟ ପାଇଁ ଦାନ କିମ୍ବା ସଦସ୍ୟତା ଦେଇପାରେ –

- ସଦସ୍ୟା, ଉତ୍ପାଦିକା କିମ୍ବା ସାଧାରଣ ଜନତାଙ୍କ ସାମାଜିକ ଏବଂ ଅର୍ଥନୈତିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା; କିମ୍ବା
- ପାରସ୍ପରିକ ସହାୟତା ନୀତିକୁ ପ୍ରୋତ୍ସାହିତ କରିବା:

ସର୍ତ୍ତ ରହିଛି ଯେ କୌଣସି ଆର୍ଥିକ ବର୍ଷରେ ଏହିପରି ସମସ୍ତ ଦାନ ଏବଂ ସଦସ୍ୟତାର ସମୁଦାୟ ପରିମାଣ ପୂର୍ବ ଆର୍ଥିକ ବର୍ଷରେ ଉତ୍ପାଦିକା କମ୍ପାନୀର ଶୁଦ୍ଧ ଲାଭ ର ତିନି ପ୍ରତିଶତରୁ ଅଧିକ ହେବ ନାହିଁ।

ଆହୁରି ମଧ୍ୟ ସର୍ତ୍ତ ରହିଛି ଯେ କୌଣସି ଉତ୍ପାଦିକା କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୌଣସି ରାଜନୈତିକ ଦଳକୁ କିମ୍ବା କୌଣସି ରାଜନୈତିକ ଉଦ୍ଦେଶ୍ୟରେ କୌଣସି ବ୍ୟକ୍ତିଙ୍କୁ କୌଣସି ଅବଦାନ କିମ୍ବା ସଦସ୍ୟତା ପ୍ରଦାନ କରିବେ ନାହିଁ କିମ୍ବା କର୍ମଚାରୀ କିମ୍ବା ସାମଗ୍ରୀ ର କୌଣସି ସୁବିଧା ଉପଲବ୍ଧ କରାଇବେ ନାହିଁ।

୩୭୮ (ZI): ସାଧାରଣ ଏବଂ ଅନ୍ୟାନ୍ୟ ସଂରକ୍ଷଣ

୧. ପ୍ରତ୍ୟେକ ଉତ୍ପାଦିକା କମ୍ପାନୀ ପ୍ରତ୍ୟେକ ଆର୍ଥିକ ବର୍ଷରେ ଏହାର ଆର୍ଟିକିଲ ଅନୁଯାୟୀ ଯେକୌଣସି ଆର୍ଥିକ ସଂରକ୍ଷଣ ସହ ଏକ ସାଧାରଣ ଆର୍ଥିକ ସଂରକ୍ଷଣ ବଜାୟ ରଖିବେ |

୨. ଯେଉଁ କ୍ଷେତ୍ରରେ ଉତ୍ପାଦିକା କମ୍ପାନୀର କୌଣସି ଆର୍ଥିକ ବର୍ଷରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନଥାଏ, ସଂରକ୍ଷଣକୁ ବଜାୟ ରଖିବା ପାଇଁ ଏହାର ଆର୍ଟିକିଲ ଅନୁଯାୟୀ, ସଦସ୍ୟାଙ୍କ ମଧ୍ୟରେ ସେହି ବର୍ଷର ବ୍ୟବସାୟରେ ସେମାନଙ୍କ ପୃଷ୍ଠପୋଷକତା ଅନୁଯାୟୀ ସଂରକ୍ଷଣରେ ଅବଦାନ କୁ ବଣ୍ଟାଯିବ |

୩୭୮ (ZJ): ବୋନସ ସେୟାର ପ୍ରଦାନ

ଯେକୌଣସି ଉତ୍ପାଦିକା କମ୍ପାନୀ, ବୋର୍ଡର ସୁପାରିଶ ଏବଂ ସାଧାରଣ ସଭାରେ ବୈଠକ ବିବରଣୀ ପାସ୍ କରି, ସଦସ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଏବଂ ଧାରା ୩୭୮Z-I ରେ ଦର୍ଶାଯାଇଥିବା ସାଧାରଣ ରିଜର୍ଭରୁ ଅଂଶଧନ ଅନୁପାତରେ ବୋନସ୍ ସେୟାର ପ୍ରଦାନ କରିପାରନ୍ତି |

ସପ୍ତମ ଭାଗ

ସଦସ୍ୟା ପାଇଁ ଋଣ ଏବଂ ନିବେଶ

୩୭୮ (ZK): ସଦସ୍ୟାମାନଙ୍କୁ ଋଣ

ବୋର୍ଡ, ଆର୍ଟିକିଲରେ ଦିଆଯାଇଥିବା ନିୟମାବଳୀ ଅନୁଯାୟୀ, ଉତ୍ପାଦିକା କମ୍ପାନୀର ସଦସ୍ୟାମାନଙ୍କୁ ନିମ୍ନଲିଖିତ ଉପାୟରେ ଆର୍ଥିକ ସହାୟତା ପ୍ରଦାନ କରିପାରିବ –

- ଉତ୍ପାଦିକା କମ୍ପାନୀ ର କୌଣସି ସଦସ୍ୟାଙ୍କୁ ବ୍ୟବସାୟ ସମ୍ବନ୍ଧୀୟ ଋଣ ୬ ମାସ ରୁ ଅଧିକ ଦିଆଯିବ ନାହିଁ
- ଆର୍ଟିକିଲରେ ଉଲ୍ଲେଖ କରାଯାଇଥିବା ଜମା ଅର୍ଥ (Securities) ର ମାତ୍ରାକୁ ଦେଖି ଯେକୌଣସି ସଦସ୍ୟାଙ୍କୁ ଋଣ ଏବଂ ଅଗ୍ରିମ ରାଶି ଦିଆଯାଇପାରିବ ଯାହାର ଅବଧି, ଋଣ ଏବଂ ଅଗ୍ରିମ ରାଶି ପ୍ରଦାନ ତାରିଖ ଠାରୁ ଅବଧି ୩ ମାସ ରୁ ସାତ ବର୍ଷ ମଧ୍ୟ ରେ ଫେରସ୍ତ କରାଯାଇପାରେ |ଯଦି କୌଣସି ନିର୍ଦ୍ଦେଶିକା କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ କୌଣସି ଋଣ କିମ୍ବା ଅଗ୍ରିମ ରାଶି ଦିଆଯିବ ତେବେ ସାଧାରଣ ସଭାରେ ସଦସ୍ୟାମାନଙ୍କ ଅନୁମୋଦନ ପରେ ହିଁ ଦିଆଯାଇପାରିବ |

୩୭୮ (ZL): ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ, ସହାୟକ କମ୍ପାନୀ ଗଠନ

୧. ଯେକୌଣସି ଉତ୍ପାଦିକା କମ୍ପାନୀର ସାଧାରଣ ସଂରକ୍ଷଣ ଅର୍ଥ କୁ ସର୍ବାଧିକ ରିଟର୍ଣ୍ଣ ପାଇବା ପାଇଁ ଅନୁମୋଦିତ ସିକ୍ୟୁରିଟି, ସ୍ଥିର ଜମା, ୟୁନିଟ୍, ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବଣ୍ଡ କିମ୍ବା ସମବାୟ କିମ୍ବା ନିର୍ଦ୍ଧାରିତ ବ୍ୟାଙ୍କ କିମ୍ବା ଅନ୍ୟାନ୍ୟ ସ୍ରୋତ ରେ ବିନିଯୋଗ କରାଯାଇପାରିବ |

୨. ଯେକୌଣସି ଉତ୍ପାଦିକା କମ୍ପାନୀ, ଏହାର ଉଦ୍ଦେଶ୍ୟର ପଦୋନ୍ନତି ପାଇଁ ଅନ୍ୟ ଏକ ଉତ୍ପାଦିକା କମ୍ପାନୀର ଅଂଶଧନ ହାସଲ କରିପାରନ୍ତି |

୩. ଯେକୌଣସି ଉତ୍ପାଦିକା କମ୍ପାନୀ ଏହାର ଉଦ୍ଦେଶ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ରେ ଅନ୍ୟ କମ୍ପାନୀ ରେ ଅଂଶଧନ କିଣିପାରେ କିମ୍ବା ଏହାର ସହାୟକ କମ୍ପାନୀ ଗଠନ କରିପାରେ, ମିଳିତ ଉଦ୍ୟୋଗ କିମ୍ବା ଅନ୍ୟ କୌଣସିପ୍ରକାରେ କୌଣସି କର୍ପୋରେଟ୍ ସଂସ୍ଥା ସହିତ, ସ୍ୱତନ୍ତ୍ର ବୈଠକ ବିବରଣୀ ଦ୍ୱାରା କୌଣସି ଚୁକ୍ତିନାମା କିମ୍ବା ଅନ୍ୟାନ୍ୟ ବ୍ୟବସ୍ଥା କରିପାରନ୍ତି |

୪. ଯେକୌଣସି ଉତ୍ପାଦିକା କମ୍ପାନୀ, ନିଜେ କିମ୍ବା ଏହାର ସହାୟକ କମ୍ପାନୀ ସହିତ, ସବସ୍କ୍ରିପସନ୍, ଅଂଶଧନ କ୍ରୟ କିମ୍ବା ଅନ୍ୟ ଉପାୟରେ, ଉପ- ଧାରା (2) ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଥିବା ଏକ ଉତ୍ପାଦିକା କମ୍ପାନୀ ବ୍ୟତୀତ ଅନ୍ୟ କୌଣସି କମ୍ପାନୀରେ ପୁଞ୍ଜି ନିବେଶ କରିପାରିବେ | ଉପ- ଧାରା (3) ଅନୁଯାୟୀ, ଏକ ଉତ୍ପାଦିକା କମ୍ପାନୀ ନିଜ ପେଡ ଅପ କ୍ୟାପିଟାଲ ଏବଂ ସଂରକ୍ଷିତ ଅର୍ଥ ର ମୋଟ ମୂଲ୍ୟ ର ୩୦ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜି ନିବେଶ କରିପରିବ |

ସର୍ତ୍ତ ରହିଛି ଯେ ଏକ ଉତ୍ପାଦିକା କମ୍ପାନୀ ଏହାର ସାଧାରଣ ସଭାରେ ପାସ୍ ହୋଇଥିବା ସ୍ୱତନ୍ତ୍ର ବୈଠକ ବିବରଣୀ ଏବଂ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ କ୍ରମେ ଏହି ଧାରା ରେ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ବିନିଯୋଗ କରିପାରିବ।

୫. ଏକ ଉତ୍ପାଦିକା କମ୍ପାନୀ ଦ୍ୱାରା ସମସ୍ତ ପୁଞ୍ଜି ବିନିଯୋଗ ହୋଇପାରେ ଯଦି ଏହିପରି ବିନିଯୋଗ ଉତ୍ପାଦିକା କମ୍ପାନୀର ଉଦ୍ଦେଶ୍ୟ ସହିତ ତାଳମେଳ ରଖୁଥିବ |

୬. ଏକ ଉତ୍ପାଦିକା କମ୍ପାନୀର ବୋର୍ଡ, ସଦସ୍ୟାମାନଙ୍କ ପୂର୍ବ ଅନୁମୋଦନ ସହିତ ଏକ ସ୍ୱତନ୍ତ୍ର ବୈଠକ ବିବରଣୀ ଦ୍ୱାରା ଉପ- ଧାରା (3) ଏବଂ (4) ରେ ଦର୍ଶାଯାଇଥିବା ଏହାର ଯେକୌଣସି ବିନିଯୋଗକୁ ସମାପ୍ତ କରିପାରିବ |

୭. ପ୍ରତ୍ୟେକ ଉତ୍ପାଦିକା କମ୍ପାନୀ ସମସ୍ତ ପୁଞ୍ଜିନିବେଶର ଏକ ରେଜିଷ୍ଟର ରଖିବ, ଯେଉଁଥିରେ କମ୍ପାନୀଗୁଡିକରେ କେତେ ଅଂଶଧନ କିଣାଯାଇଛି, ସେୟାର ସଂଖ୍ୟା, ଅଧିଗ୍ରହଣ ତାରିଖ ଏବଂ ପଦ୍ଧତି, କେତେ ମାତ୍ରା ର ଅଂଶଧନ ପରବର୍ତ୍ତୀ ସମୟ ରେ ସମାପ୍ତ କରାଯାଇଅଛି ତାହାର ମୂଲ୍ୟ ଦର୍ଶାଇବ |

୮. ଉପ-ବିଭାଗ (7) ରେ ଦର୍ଶାଯାଇଥିବା ରେଜିଷ୍ଟର ଉତ୍ପାଦିକା କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟରେ ରଖାଯିବ ଏବଂ ଯେକୌଣସି ସଦସ୍ୟାଙ୍କ ଦ୍ୱାରା ଯାଞ୍ଚ କରାଯାଇପାରିବ ଏବଂ ଏହାର କୌଣସି ବିବରଣୀ ର ନକଲ ସଦସ୍ୟା ନେଇପାରିବେ |

ଅଷ୍ଟମ ଭାଗ

ଦଣ୍ଡବିଧାନ

୩୭୮ (ZM): ନିୟମ ଖିଲାପ ପାଇଁ ଦଣ୍ଡ

୧. ଯଦି ଏହି ଅଧିନିୟମ ଅଧୀନରେ ପଞ୍ଜୀକୃତ ହୋଇଥିବା ଏକ ଉତ୍ପାଦିକା କମ୍ପାନୀ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବ୍ୟବସାୟ ଏପରି ନାମରେ କରନ୍ତି ଯେଉଁଥିରେ "ଉତ୍ପାଦିକା କମ୍ପାନୀ ଲିମିଟେଡ୍" ଶବ୍ଦ ରହିଥାଏ, ତେବେ ତାଙ୍କୁ ଜୋରିମାନା ଦଣ୍ଡ ଦିଆଯିବ ଯାହା ପ୍ରତ୍ୟେକ ଦିନ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇପାରେ|

୨. ଯଦି କୌଣସି ଉତ୍ପାଦିକା କମ୍ପାନୀର ନିର୍ଦ୍ଦେଶିକା କିମ୍ବା ଅଧିକାରୀ, ଯିଏ ଇଚ୍ଛାକୃତ ଭାବରେ ଉତ୍ପାଦିକା କମ୍ପାନୀର କାର୍ଯ୍ୟ ସମ୍ବନ୍ଧୀୟ, ଜଣେ ସଦସ୍ୟ। କିମ୍ବା ଏହି ନାମରେ ଉପଯୁକ୍ତ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଆବଶ୍ୟକ କୌଣସି ସୂଚନା ପ୍ରଦାନ କରିବାରେ ବିଫଳ ହୁଅନ୍ତି, ତେବେ ତାଙ୍କୁ ଛଅ ମାସ ପର୍ଯ୍ୟନ୍ତ ଅବଧି ପାଇଁ କାରାଦଣ୍ଡ ଭୋଗିବା ସହ ପୂର୍ବ ଆର୍ଥିକ ବର୍ଷରେ ସେହି କମ୍ପାନୀର ବ୍ୟବସାୟ ରାଶି ର ପାଞ୍ଚ ପ୍ରତିଶତ ଜୋରିମାନା ଦେବାକୁ ପଡିବ|

୩. ଯଦି ଏକ ଉତ୍ପାଦିକା କମ୍ପାନୀର ନିର୍ଦ୍ଦେଶିକା କିମ୍ବା ଅଧିକାରୀ-

- ଆକାଉଣ୍ଟ ବହି ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟ କିମ୍ବା ସମ୍ପତ୍ତିକୁ ଉତ୍ପାଦିକା କମ୍ପାନୀକୁ ସେ ଏକ ନିର୍ଦ୍ଦେଶିକା କିମ୍ବା ଅଧିକାରୀ ଭାବରେ ହସ୍ତାନ୍ତର କରିବାରେ ବିଫଳ ହୁଅନ୍ତି
- ବାର୍ଷିକ ସାଧାରଣ ସଭା କିମ୍ବା ଅନ୍ୟାନ୍ୟ ସାଧାରଣ ସଭା ଡାକିବାରେ ବିଫଳ ହୁଅନ୍ତି

ତାଙ୍କୁ ଜୋରିମାନା ସହିତ ଦଣ୍ଡିତ କରାଯିବ ଯାହାକି ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ ଏବଂ ଖିଲାପ କ୍ଷେତ୍ରରେ, ପ୍ରତ୍ୟେକ ଦିନ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଜୋରିମାନା ହୋଇପାରେ ଯେଉଁଥିରେ ଯେପର୍ଯ୍ୟନ୍ତ ଏପରି ଖିଲାପ ଜାରି ରହିବ|

ନବମ ଭାଗ

ବିବାଦର ସମାଧାନ

୩୭ (20): ବିବାଦ

୧. ଯେଉଁଠାରେ ଏକ ଉତ୍ପାଦିକା କମ୍ପାନୀର ଗଠନ, ପରିଚାଳନା କିମ୍ବା ବ୍ୟବସାୟ ସହିତ ଜଡିତ କୌଣସି ବିବାଦ ଉପୁଜେ –

- ସଦସ୍ୟାମାନଙ୍କ ମଧ୍ୟରେ, ପୂର୍ବତନ ସଦସ୍ୟା କିମ୍ବା ମୃତ ସଦସ୍ୟାଙ୍କ ନାମ କିମ୍ବା ଉତ୍ତରାଧିକାରୀ ବୋଲି ଦାବି କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ; କିମ୍ବା

- ଜଣେ ସଦସ୍ୟା, ପୂର୍ବତନ ସଦସ୍ୟା କିମ୍ବା ଜଣେ ସଦସ୍ୟା ବୋଲି ଦାବି କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ, କିମ୍ବା ମୃତ ସଦସ୍ୟା ତଥା ଉତ୍ପାଦିକା କମ୍ପାନୀ ର ଅତୀତ କିମ୍ବା ବର୍ତ୍ତମାନର ନିର୍ଦ୍ଦେଶିକା ବୋର୍ଡ, ଅଫିସ୍ ଧାରକ, କିମ୍ବା ଲିକ୍ୱିଡେଟର ମଧ୍ୟରେ କିମ୍ବା

- ଉତ୍ପାଦିକା କମ୍ପାନୀ କିମ୍ବା ଏହାର ବୋର୍ଡ, ଏବଂ ଯେ କୌଣସି ନିର୍ଦ୍ଦେଶିକା, ଅଫିସ୍ ଧାରକ କିମ୍ବା କୌଣସି ପୂର୍ବତନ ନିର୍ଦ୍ଦେଶିକା, କିମ୍ବା ଉତ୍ପାଦିକା କମ୍ପାନୀର ଯେ କୌଣସି ମୃତ ନିର୍ଦ୍ଦେଶିକାଙ୍କ ଉତ୍ତରାଧିକାରୀ କିମ୍ବା ଆଇନଗତ ପ୍ରତିନିଧୀଙ୍କ ମଧ୍ୟରେ,

ଏହି ବିବାଦ ଆର୍ବିଟ୍ରେସନ୍ ଆଣ୍ଡ କନ୍ସିଲିସନ୍ ଆକ୍ଟ, 1996 (26 ର 1996) ଅନୁଯାୟୀ ଆପୋଷ ବୁଝାମଣା କିମ୍ବା କାନୁନ ପ୍ରକ୍ରିୟା ମାଧ୍ୟମ ରେ ସମାଧାନ ହେବ |ବିବାଦର ପକ୍ଷମାନେ ଆପୋଷ ବୁଝାମଣା କିମ୍ବା କାନୁନ ପ୍ରକ୍ରିୟା ଏହି ବିବାଦର ସମାଧାନ ପାଇଁ ଲିଖିତ ଆକାରରେ ସହମତି ପ୍ରକାଶ କରିବେ।

ବ୍ୟାଖ୍ୟା: ଏକ ବିବାଦର ଅର୍ଥ ନିମ୍ନଲିଖିତ ବିନ୍ଦୁ ସବୁ ହୋଇପାରେ –

(କ) ଯେକୌଣସି ଋଣ କିମ୍ବା ଅନ୍ୟାନ୍ୟ ବଳକା ରାଶି ପାଇଁ ଥିବା କୌଣସି ଦାବି;

(ଖ) ମୂଖ୍ୟ ଋଣ ଗ୍ରହୀତାଙ୍କ ବିରୁଦ୍ଧରେ କୌଣସି ଦାବି, ଯେଉଁଠାରେ ଉତ୍ପାଦିକା କମ୍ପାନୀ କୌଣସି ଋଣ ଗ୍ରହୀତାଙ୍କ କିମ୍ବା ଅନ୍ୟାନ୍ୟ ରାଶି ର ଫେରସ୍ତ ସମ୍ବନ୍ଧରେ କୌଣସି ଦାବି

(ଗ) ଉତ୍ପାଦିକା କମ୍ପାନୀ ଦ୍ୱାରା ତାଙ୍କ ଆବଶ୍ୟକତା ଅନୁଯାୟୀ ଉତ୍ପାଦ ଯୋଗାଇବାରେ ବିଫଳତା ପାଇଁ ଜଣେ ସଦସ୍ୟାଙ୍କ ବିରୁଦ୍ଧରେ ଏକ ଦାବି;

(ଘ) ଉତ୍ପାଦିକା କମ୍ପାନୀ ବିରୁଦ୍ଧରେ ଜଣେ ସଦସ୍ୟାଙ୍କ ଦ୍ୱାରା ଯୋଗାଯାଇଥିବା ସାମଗ୍ରୀ ନ ନେବା ପାଇଁ ଏକ ଦାବି |

9. ଯଦି କୌଣସି ଉତ୍ପାଦିକା କମ୍ପାନୀର ଗଠନ, ପରିଚାଳନା କିମ୍ବା ବ୍ୟବସାୟ ସହିତ ଜଡିତ ପ୍ରଶ୍ନ ଉପୁଜେ, ତେବେ ପ୍ରଶ୍ନଟି ଆର୍ବିଟ୍ରେଟରଙ୍କ ନିକଟକୁ ପଠାଯିବ, ଏବଂ ଆର୍ବିଟ୍ରେଟରଙ୍କ ନିଷ୍ପତ୍ତି ଚୂଡାନ୍ତ ହେବ |

ଦଶମ ଭାଗ

ଅନ୍ୟାନ୍ୟ ନିୟମ

୩୭୮ (ZP): ଉତ୍ପାଦିକା କମ୍ପାନୀ ର ନାମ ହଟାଇବା

୧. ଯେଉଁଠାରେ ଏକ ଉତ୍ପାଦିକା କମ୍ପାନୀ ଏହାର ପଞ୍ଜୀକରଣର ଏକ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୁଏ କିମ୍ବା ସଦସ୍ୟମାନଙ୍କ ସହିତ ବ୍ୟବସାୟ କାରବାର ବନ୍ଦ କରିଦିଏ, କିମ୍ବା ଧାରା ୩୭୮B ରେ ଦର୍ଶାଯାଇଥିବା ଉଦ୍ଦେଶ୍ୟ ଅନୁଯାୟୀ ଉତ୍ପାଦିକା କମ୍ପାନୀ ଆଉ ଏହାର କୌଣସି କାର୍ଯ୍ୟ କରୁନାହିଁ, ଅନୁସନ୍ଧାନ କରିବା ପରେ ଯଦି ରେଜିଷ୍ଟ୍ରାର ସନ୍ତୁଷ୍ଟ ହୁଅନ୍ତି, କିମ୍ବା ଯେପରି ସେ ଠିକ୍ ମନେ କରନ୍ତି, ସେ ଉତ୍ପାଦିକା କମ୍ପାନୀର ନାମକୁ ହଟାଇବା ପାଇଁ ଆଦେଶ ଦେବେ, ଯାହା ତତକ୍ଷଣାତ୍ କାର୍ଯ୍ୟକାରୀ ହେବ |

ସର୍ତ୍ତ ରହିବ କି ରେଜିଷ୍ଟ୍ରାର ଦ୍ୱାରା ପଞ୍ଜିକରଣ ରଦ୍ଦ ହେବା କାର୍ଯ୍ୟକାରୀ ହେବନାହିଁ, ଯେପର୍ଯ୍ୟନ୍ତ ଉତ୍ପାଦିକା କମ୍ପାନୀକୁ ଏହାର ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ଉପରେ କାରଣ ଦର୍ଶାଇବାକୁ ଏକ ବିଜ୍ଞପ୍ତି ପ୍ରଦାନ କରାନଯାଇଛି ଏବଂ ଏହାର ନିର୍ଦ୍ଦେଶିକାଙ୍କ ନିକଟରେ ଏକ ନକଲ ପ୍ରଦାନ କରାଯାଇ ନାହିଁ ଏବଂ ଏହାର ମାମଲା ଉପସ୍ଥାପନ କରିବାର ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ କରାଯାଇ ନାହିଁ।

୨. ଯେଉଁଠାରେ ରେଜିଷ୍ଟ୍ରାର ବିଶ୍ୱାସଯୁକ୍ତ କାରଣ ଜାଣିବେ ଯେ ଏକ ଉତ୍ପାଦିକା କମ୍ପାନୀ ନିର୍ଦ୍ଦିଷ୍ଟ ହୋଇଥିବା କୌଣସି ପାରସ୍ପରିକ ସହାୟତା ନୀତି ବଜାୟ ରଖୁନାହାଁନ୍ତି, ସେ ଧାରା 248 ରେ ଥିବା ନିୟମାବଳୀ ଅନୁଯାୟୀ ରେଜିଷ୍ଟରରୁ ଏହାର ନାମ ହଟାଇବା ପାଇଁ ଆଦେଶ ଦେବେ |

୩. ଏକ ଉତ୍ପାଦିକା କମ୍ପାନୀର ଯେକୌଣସି ସଦସ୍ୟ, ଯିଏ ଉପ-ଧାରା (୧) ଅନୁଯାୟୀ କରାଯାଇଥିବା ଆଦେଶ ଦ୍ୱାରା ଅସନ୍ତୋଷ ପ୍ରକାଶ କରିଛନ୍ତି, ଆଦେଶର ଷାଠିଏ ଦିନ ମଧ୍ୟରେ ଟ୍ରିବ୍ୟୁନାଲରେ ଆବେଦନ କରିପାରିବେ।

୪. ଉପ-ଧାରା (୩) ଅଧୀନରେ ଯେଉଁଠାରେ ଏକ ଆବେଦନ ଦାଖଲ ହୁଏ, ଆବେଦନ ଉପରେ ନିର୍ଣ୍ଣୟର ସମାପ୍ତି ନହେବା ପର୍ଯ୍ୟନ୍ତ ନାମକୁ ହଟାଇବା ପାଇଁ ଆଦେଶ କାର୍ଯ୍ୟକାରୀ ହେବ ନାହିଁ।

୩୭୮ (ZQ): ଅନ୍ୟାନ୍ୟ ନିୟମକୁ ସମନ୍ୱୟ କରିବାକୁ ଏହି ଅଧିନିୟମରେ ବ୍ୟବସ୍ଥା

ଏହି ଅଧିନିୟମର ନିୟମାବଳୀ ବଳବତ୍ତର ଥିବା ସମୟ ପାଇଁ ଉତ୍ପାଦିକା କମ୍ପାନୀ ପାଇଁ ପ୍ରଯୁଜ୍ୟ ହେବ ଏବଂ ଅନ୍ୟ କୌଣସି ନିୟମ କିମ୍ବା ଆଇନ ରେ ଥିବା ଅସଙ୍ଗତତା ଏହା ଉପରେ ପ୍ରଭାବ ପକାଇବ ନାହିଁ।

୩୭୮ (ZR): ବେସରକାରୀ କମ୍ପାନୀଗୁଡିକ ସମ୍ବନ୍ଧୀୟ ବ୍ୟବସ୍ଥାର ପ୍ରୟୋଗ

ଏହି ଅଧିନିୟମରେ ଉଲ୍ଲେଖ କରାଯାଇଥିବା ବ୍ୟତୀତ ଏହି ଅଧିନିୟମର ସମସ୍ତ ସୀମା, ପ୍ରତିବନ୍ଧକ ଏବଂ ବ୍ୟବସ୍ଥା, ଏକ ଘରୋଇ କମ୍ପାନୀ ପାଇଁ ଯେତେ ସମ୍ଭବ ପ୍ରଯୁଜ୍ୟ, ଏକ ଉତ୍ପାଦିକା କମ୍ପାନୀରେ ଲାଗୁ ହେବ, ଯେପରି ଏହା ଏହି ଅଧିନିୟମ ଅନୁଯାୟୀ ଏକ ଘରୋଇ ସୀମିତ କମ୍ପାନୀ ଅଟେ | ଘରୋଇ କମ୍ପାନୀ ଏବଂ ଉତ୍ପାଦିକା କମ୍ପାନୀ ଏହି ଅଧିନିୟମର ବ୍ୟବସ୍ଥା ଅନୁଯାୟୀ କୌଣସି ଅନ୍ତର ଧାରଣ କରନ୍ତିନାହିଁ |

PROFESSIONAL ASSISTANCE FOR DEVELOPMENT ACTION

प्रदान Pradan



